## ସଂକ୍ଷେପରେ

ଦିଗହରା ସୌଭାଗ୍ୟ ଯୋଜନା

### ବିଦ୍ୟୁତ୍ ନ ଥାଇ ବିଲ୍ ଆସୁଛି

**ନାଉଗାଁ,୧୬।୧୦(ସ୍ୱ.ପ୍ର.):** ଗରିବ ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ପାଇଁ ସରକାର ସୌଭାଗ୍ୟ ଯୋଜନା କରିଛନ୍ତି। ମାତ୍ର ଏହି ସୌଭାଗ୍ୟ ଯୋଜନା ଏବେ ହିତାଧିକାରୀଙ୍କ ପାଇଁ ଦୁର୍ଭାଗ୍ୟ ପାଲଟିଯାଇଛି। ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିଲେ ମଧ କେତେକ ହିତାଧିକାରୀଙ୍କ ନାମରେ ବିଲ୍ ଆସିଛି। ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ମଧୁପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମର ତୁଷାରକାନ୍ତ ମହାନ୍ତି, ସୁରେଶ ଚନ୍ଦ୍ର ପରିଡ଼ା, କିଶୋର କୁମାର ମହାନ୍ତି, ଶିଶିର କୁମାର ମହାନ୍ତି, ଭରତ ଚନ୍ଦ୍ର ମୁଦୁଲିଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆନଯାଇ ବିଲ୍ ଆସିଥିବା ସେମାନେ ସୋମବାର ନାଉଗାଁ ସେସୁ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୌଭାଗ୍ୟ ଯୋଜନାରେ ଘରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଏମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। କିନ୍ତୁ ଦୀର୍ଘଦିନ ପରେ ମଧ ବିଦ୍ୟୁତ ସଂଯୋଗ ଦିଆ ନ ଯିବାରୁ ଗତ ଅଗଷ୍ଟ ୨୬ରେ ସେମାନେ ଜିଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ସମସ୍ୟା ସମାଧାନ କରାଯିବା ପରିବର୍ତ୍ତେ ସେମାନଙ୍କ ନିକଟକୁ ୩ ହଜାର ୬୦ ଟଙ୍କା ଲେଖାଏର ବିଲ୍ ଆସିଛି। ଫଳରେ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହାର ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକରେ ସୌଭାଗ୍ୟ ଯୋଜନା ଏକ ପ୍ରକାର ଦିଗହରା ହୋଇପଡିଛି। କେଉଁଠି ଖୁଣ୍ଟ ପୋତାଯାଇ ରହିଛି ତ ଆଉ କେଉଁଠି କେବଳ ଟ୍ରାନ୍ସଫର୍ମର ବସିଛି ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଏହି ଯୋଜନାରେ କାମ କରୁଥିବା ଠିକାଦାରଙ୍କ ଦେଖା ମଧ ମିଳୁନି। ତେଣୁ କାମ ଅଧାପନ୍ତରିଆ ହୋଇ ରହିଛି।

### ଓସିଏ ସମ୍ପାଦକଙ୍କୁ ଶୁଭେଚ୍ଛା

**କୁଜଙ୍ଗ,୧୬।୧୦(ସ୍ୱ.ପ୍ର.):** ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ସମ୍ପାଦକ ସଞ୍ଜୟ ବେହେରାଙ୍କୁ କୁଜଙ୍ଗ ବ୍ଲକ୍‌ର ପ୍ରମୁଖ ଯାଦବ ସଂଘ ଉପଦେଷ୍ଟା ଏଏନ୍‌ଡି ଯାଦବ, ଓକିଲ ସଂଘ ସଭାପତି ତଥା ଯାଦବ ରମେଶ ଚନ୍ଦ୍ର ଦାସ, ରାଧାମାଧବ ଯାଦବ ସଂଘ ସଭାପତି ରାଜେନ୍ଦ୍ର ନାରାୟଣ ଗୁରୁ, କୁଜଙ୍ଗ ପରିବା ସଂଘ ସଭାପତି ଶିଶିର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ବେହେରା ଯାଦବଙ୍କ ନେତୃତ୍ୱ ନେବାକୁ ଅନୁରୋଧ କରାଯାଇଛି।

### ପ୍ରାଣୀଧନ ଚିକିତ୍ସକଙ୍କ ପରଲୋକ

**କୁଜଙ୍ଗ,୧୬।୧୦(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଅଧୀନ ମଙ୍ଗରାଜପୁର ଗ୍ରାମର ପ୍ରାଣୀଧନ ଚିକିତ୍ସକ ମଦନ ମୋହନ ପଣ୍ଡା(୭୮)ଙ୍କ ପରଲୋକ ଘଟିଛି। ପଣ୍ଡାଙ୍କ ନିଜ ଘର କେନ୍ଦ୍ରାପଡ଼ାରେ। ତାଙ୍କ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ଏଥିସହିତ ପୂର୍ବତନ ଏମ୍‌ପି ଡ.ବିଭୂ ପ୍ରସାଦ ତରାଇ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ, କବି ପୀତାମ୍ବର ତରାଇ, ସୁରେନ୍ଦ୍ର ତରାଇ, ରବୀନ୍ଦ୍ର ମହାପାତ୍ର, କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷନ୍ତ ମାଝୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ପ୍ରମୁଖ ଶାସନ ସଚିବଙ୍କ ୨ ଦିନିଆ ଜଗତ୍‌ସିଂହପୁର ଗସ୍ତ

# ବଢ଼ିବ ଜିଲା ମୁଖ୍ୟ ଚିକିତ୍ସାଳୟ ଶଯ୍ୟା ସଂଖ୍ୟା

**ଜଗତ୍‌ସିଂହପୁର ଅଫିସ, ୧୬।୧୦**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) ୱାର୍ଡ ନିର୍ମାଣ ନେଇ ଦାବି ହୋଇ ଆସୁଥିଲା। ଅତୀତରେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏ କାମ ଆରମ୍ଭ ହୋଇନାହିଁ। ତେବେ ବିଲ୍ଡିଂ ନିର୍ମାଣ ନେଇ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ତୁରନ୍ତ କାମ ଆରମ୍ଭ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଫିସର ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ସେ ୧୫ ତାରିଖରୁ ୨ ଦିନିଆ ଜଗତ୍‌ସିଂହପୁର ଗସ୍ତରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସମୟରେ ଜଗତ୍‌ସିଂହପୁର ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ନିର୍ଦ୍ଦେଶ ଦେଇଥିବା ସୂଚନା ଦିଆଯାଇଛି। ଏଥିସହ ଚିକିତ୍ସାଳୟ ପରିସରରେ ଥିବା ୱେଟିଂ ରୁମ୍‌କୁ ସିଲିଂ କରିବା, ଏସି ଲଗାଇବା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ଯଥେଷ୍ଟ ନୁହେଁ ବୋଲି ସଚିବ ଜେନା ଅନୁଭବ କରିବା ସହ ଏହି ସଂଖ୍ୟା ବଢାଇବା ପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ୨ ଦିନ ଭିତରେ ସେ ଜିଲାର ଏକାଧିକ ବ୍ଲକ ଅଞ୍ଚଳ ପରିଦର୍ଶନ କରି ସରକାରଙ୍କ ଉନ୍ନୟନମୂଳକ ଯୋଜନାର ବାସ୍ତବ ରୂପାୟନ ଉପରେ ଅନୁଧ୍ୟାନ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚିବ ବିଭିନ୍ନ ବିଭାଗ ଅଧିକାରୀଙ୍କ ଆଲୋଚନା କରୁଛନ୍ତି।

■ ୧୦୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ନିର୍ମାଣ ତୁରନ୍ତ ଆରମ୍ଭ ପାଇଁ ନିର୍ଦ୍ଦେଶ
■ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ସମୀକ୍ଷା

ଜେନା ୧୫ ତାରିଖ ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ୧୩ଟି ଫ୍ଲାଗସିପ୍ ପ୍ରୋଗ୍ରାମ ଯଥା ମମତା ଯୋଜନା, ଭତ୍ତା, ନିରାମୟ, ସମଗ୍ର ଶିକ୍ଷା, ରୁରାଲ ହାଉସିଂ ଇତ୍ୟାଦିର କାର୍ଯ୍ୟାନ୍ୱୟନ, ଏହା କିପରି କାର୍ଯ୍ୟ କରୁଛି ଓ ଏହାର ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ। ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉତ୍ସର୍ଗୀକୃତ ବିଦ୍ୟୁତ ଯୋଗାଣ, ବ୍ଲକର କଷ୍ଟସାଧ ଅଞ୍ଚଳରେ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗାଇବା, ନିରାମୟ ଯୋଜନାରେ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଉପରେ ଆଲୋଚନା ହୋଇଥିଲା। ଚାଷୀଙ୍କୁ ସାର, କୀଟନାଶକ, ଫନୀ କ୍ଷତିଗ୍ରସ୍ତ ନଡିଆ ଚାଷୀଙ୍କୁ କ୍ଷତିପୂରଣ, ଅଧିକ ନଡିଆ ଚାରା ବଣ୍ଟନ, ମତ୍ସ୍ୟ ଚାଷ କରୁଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଠିକ ଭାବେ ପରାମର୍ଶ ଦେବା, ମମତା ଯୋଜନାରେ ଗର୍ଭବତୀଙ୍କୁ ୧ମ ଓ ୨ୟ କିସ୍ତି ପ୍ରୋତ୍ସାହନ ରାଶି ପ୍ରଦାନ ଓ ଏହାର ପ୍ରକୃତ ଉପଯୋଗିତା, ଅଙ୍ଗନୱାଡୀ କର୍ମୀ ଓ ହେଲପର୍‌ଙ୍କୁ ପ୍ରୋତ୍ସାହନ, ଗ୍ରାମ୍ୟ ଗୃହ ନିର୍ମାଣ, ଉଠା ଜଳ ସେଚନ ଦ୍ୱାରା ଅଗଭୀର ନଳକୂପ ଖନନ, ମିଶନ ଶକ୍ତି, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସୁରକ୍ଷା ଉପକରଣ ଓ ପ୍ରୋତ୍ସାହନ ରାଶି ପ୍ରଦାନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ସୁରକ୍ଷା, ଏସ୍‌ସି-ଏସ୍‌ଟି ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ଉପରେ ସମୀକ୍ଷା କରିଥିଲେ।

ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଶାସନ ସଚିବଙ୍କ ସହ କ୍ଷେତ୍ର ପରିଦର୍ଶନ ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣ ଯୋଜନାଗୁଡିକର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲାପାଳ ସଚିବଙ୍କୁ ଅବଗତ କରାଇଥିଲେ। ପ୍ରଥମେ ସଚିବ ଜଗତ୍‌ସିଂହପୁର ବ୍ଲକର ଶାଳଜଙ୍ଗାଠାରେ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ, ବିଦ୍ୟାଳୟ କାନ୍ଥରେ କଳାତ୍ମକ ଚିତ୍ର ଅଙ୍କନ ଉପରେ ଗୁରୁତ୍ୱ, ଉନ୍ନତ ଶିକ୍ଷାଦାନ ନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଲିକୁଦା ଓ ଏରସମା ବ୍ଲକ ଗସ୍ତ କରିଥିଲେ। ଏରସମା ବ୍ଲକ ସୋମପୁର ପଞ୍ଚାୟତ ହଂସୁଆ ନଦୀ ପୋଲ ପରିଦର୍ଶନ, ପ୍ରଧାନମନ୍ତ୍ରୀ ସଡକ ଯୋଜନା ନିର୍ମିତ ରାସ୍ତାର ଅବସ୍ଥା ଅନୁଧ୍ୟାନ କରିଥିଲେ। ସୋମପୁର ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଗତି କଇଁଚ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ପଦାର୍ଥ ପରିଦର୍ଶନ କରିବା ସହିତ ସୁଲଭ ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା, ଏରସମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପ୍ରମୁଖ ଶାସନ ସଚିବଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଅନୁପ ପାଣିଗ୍ରାହୀ, ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ଦାସ, ଓରମାସ ଉପକାର୍ଯ୍ୟାଧିକାରୀ ସତ୍ୟ ସୁନ୍ଦର ଶିବରାମ ପାଇଟାଳ, ବାଲିକୁଦା ବିଡିଓ କଲ୍ୟାଣୀ ପଟ୍ଟନାୟକ, ସିଡିପିଓ ସରଳା ଦେଈ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ପ୍ରମୁଖ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ୨ୟ ଦିନରେ ରଘୁନାଥପୁର, ତିର୍ତ୍ତୋଲ ବ୍ଲକ ଗସ୍ତ କରିଥିଲେ। ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଏହି ପରିସରରେ ଥିବା ୩ଟି ଇଲେକ୍ଟ୍ରି ସବ୍‌ଷ୍ଟେସନ୍ ଉଠାଇବା ପାଇଁ ସେସୁ ପାରାଦୀପ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜଗତ୍‌ସିଂହପୁର ସହରରେ ଥିବା ପରିଷଦର ନୂତନ କଲ୍ୟାଣ ମଣ୍ଡପ ପରିଦର୍ଶନ କରିଥିଲେ।

ଅରଡ଼ଙ୍ଗ ଲିଙ୍ଗ ପୋଖରୀ ଲିଜ୍ ବିବାଦ

## ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ତିର୍ତ୍ତୋଲ,୧୬।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଅରଡ଼ଙ୍ଗ ଲିଙ୍ଗ ପୋଖରୀ ଲିଜ୍ ବିବାଦ ସମ୍ପର୍କରେ ଜିଲାପାଳ ଅବଗତ ହୋଇଛନ୍ତି। ଏହାପରେ ସେ ଏହାର ତଦନ୍ତ ନିମନ୍ତେ ବିଡିଓ ରଞ୍ଜନ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପୋଖରୀ ଲିଜ୍ ପ୍ରଦାନକୁ ନେଇ ପଞ୍ଚାୟତର ଏସଏଚଜି ଗ୍ରୁପ ସହ ଅନ୍ୟ ୭ଟି ଗ୍ରୁପର ସଦସ୍ୟାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଲିଜ୍ ନେଇଥିବା ମା'ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟମ ଅନୁଯାୟୀ ଲିଜ୍ ପ୍ରଦାନ କରାଯାଇଥିବା ପଞ୍ଚାୟତ କର୍ତ୍ତୃପକ୍ଷ କହୁଛନ୍ତି। କିନ୍ତୁ ପଞ୍ଚାୟତର ଅନ୍ୟ ୭ଟି ଏସଏଚଜି ଗ୍ରୁପ ତରଫରୁ ଏହି ଲିଜ୍ ବେଆଇନ ଭାବରେ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ମା'ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ପୋଖରୀ ଲିଜ୍ ନେବା ପରେ ପୋଖରୀରୁ ଦଳ ସଫେଇ ସହ ପୋଖରୀରେ ଯାଁଳ ଆଦି ଛାଡିବାରେ ୧ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ କରିଥିଲା। ପୋଖରୀରେ ଯାଁଳ ଛଡାଯିବାପରେ ଅନ୍ୟ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ କିଛିବ୍ୟକ୍ତି ଗତ ୩ ତାରିଖରେ ସେହି ପୋଖରୀରେ ପୁନଃ ଯାଁଳ ଛାଡିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ତିର୍ତ୍ତୋଲ ଥାନାରେ ଲିଜ୍‌ଧାରୀଙ୍କୁ ଧମକଚମକ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ମା'ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଗ୍ରାମର ଅନ୍ୟ ୭ଟି ମହିଳା ସ୍ୱୟଂ ସହାୟକ ଦଳର ସଦସ୍ୟା ବାସନ୍ତୀ ତାରେଣିଆଙ୍କ ନେତୃତ୍ୱରେ ସରକାରୀ ବିଧିବ୍ୟବସ୍ଥାକୁ ଉଲଘଂନ କରି ମା' ଶାରଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଲିଜ ପ୍ରଦାନ କରାଯାଇଛି ବୋଲି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏଥିରେ ସେମାନେ ପଞ୍ଚାୟତ ବୈଠକରେ ଏବିଷୟ ଆଲୋଚନା କରା ନ ଯାଇ ଓ ଗ୍ରାମର ୱାର୍ଡ ସଭ୍ୟଙ୍କୁ ନ ଜଣାଇ ଏହି ପୋଖରୀ ଲିଜ ପ୍ରଦାନ କରଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଅଭିଯୋଗପରେ ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଖରୀ ନିଲାମକୁ ରଦ୍ଦ କରି ପୁନଃ ନିଲାମ କରିବାକୁ ଜିଲାପାଳଙ୍କୁ ନିବେଦନ କରିଥିଲେ। ପୂର୍ବରୁ ପଞ୍ଚାୟତର ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଲିଜ ପ୍ରଦାନରେ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଚଞ୍ଚକତା କରାଯାଇଛି ବୋଲି ଅଭିଯୋଗ କରାଯିବା ସହ ଲିଜ ବାତିଲ ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସେମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ଲକ ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ନ ନେବାରୁ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ।

ଗ୍ରାମ୍ୟ ଉନ୍ନୟନ ପ୍ରମୁଖ ସଚିବଙ୍କ ବିରିଡ଼ି, ତିର୍ତ୍ତୋଲ ବ୍ଲକ ପରିଦର୍ଶନ

## ବିଭିନ୍ନ କାର୍ଯ୍ୟର କଲେ ସମୀକ୍ଷା

**ବିରିଡ଼ି/ତିର୍ତ୍ତୋଲ,୧୬।୧୦(ଡି.ଏନ.ଏ.)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା ବୁଧବାର ୫-ଟିର ସମୀକ୍ଷା ପାଇଁ ବିରିଡ଼ି ଓ ତିର୍ତ୍ତୋଲ ବ୍ଲକ ପରିଦର୍ଶନ କରିଛନ୍ତି। ସେ ବିରିଡ଼ି ବ୍ଲକ ଅଫିସ ନିକଟରେ ଥିବା ସମନ୍ୱିତ ଶିଶୁ ବକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ଚାଲିଥିବା ଟ୍ରେନିଂ କମ୍ ପ୍ରଡକ୍ସନ ସେଣ୍ଟର ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ଏସଏଚଜି ମହିଳା ସଚିବଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଗୌରୀ ଦେବୀ ପ୍ରଡ୍ୟୁସର ଗ୍ରୁପର ପ୍ରାୟ ୧୦ଟି ଏସଏଚଜି ମହିଳା ମିଶି ତିଆରି କରୁଥିବା ପିଲାଙ୍କ ସ୍କୁଲ ୟୁନିଫର୍ମ ୟୁନିଟ ଦେଖି ସଚିବ ତାହାର ପ୍ରଶଂସା କରିଥିଲେ। ଏହାଛଡା ମହିଳାଙ୍କ ଶାୟା, ବ୍ଲାଉଜ ଓ ରେଡିମେଡ ଗାରମେଣ୍ଟ ତିଆରି କରିବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରେନିଂ କମ ପ୍ରଡକ୍ସନ ସେଣ୍ଟର ଉପର ଘରକୁ ତୁରନ୍ତ ସାରିବା ପାଇଁ ସଚିବ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ପରେ ବୁଢାପଡା ପଞ୍ଚାୟତ ଗୌସନଗର ପ୍ରାଥମିକ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମକୁ ଦେଖିଥିଲେ। ସେଠାରେ ଫନୀ ବାତ୍ୟାରେ ଭାଙ୍ଗିଥିବା ଏକ ଆଜବେଷ୍ଟସ ଘରକୁ ଶୀଘ୍ର ମରାମତି କରିବାକୁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ସଚିବଙ୍କ ସହ ଜଗତ୍‌ସିଂହପୁର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟସୁନ୍ଦର ଶିବରାମ ପାଇଟାଳ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ସିଡିପିଓ ଗୌରୀ ଦେଈ, ପ୍ରଡକ୍ସନ ସେଣ୍ଟର ସଭାପତି ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ସମ୍ପାଦିକା ସବିତା ଦାସଙ୍କ ସହ ଏସଏଚଜିର ମହିଳାମାନେ ଉପସ୍ଥିତ ଥିଲେ।

ସେହିପରି ସଚିବ ଜେନା ତିର୍ତ୍ତୋଲ ବ୍ଲକ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ତେନ୍ତୁଳିପଦା ସ୍ଥିତ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ 'ବସୁଧା' ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ଏହାର ସୁବିନିଯୋଗ ସମ୍ପର୍କରେ ଉପସ୍ଥିତ ଲୋକପ୍ରତିନିଧି, ସାଧାରଣ ଲୋକଙ୍କ ଆଲୋଚନା କରିଥିଲେ। ପରେ ତେନ୍ତୁଳିପଦା-୨ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ପିଲାଙ୍କ ପାଠ ପଢା ଓ ପ୍ରଦାନ କରାଯାଉଥିବା ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ବୁଝିଥିଲେ। ଏହାପରେ ମଣିଜଙ୍ଗା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ନିର୍ମାଣାଧୀନ ଓଟି, ୱାର୍ଡ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭଜ୍ୟୋତି ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ଡାକ୍ତର ସମେତ ବହୁ ପଦବୀ ଖାଲିଥିବାରୁ ରୋଗୀସେବା ବ୍ୟାହତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଥିଲେ। ଏହି ପରିଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ବିଡିଓ ରଞ୍ଜନ ପରିଡା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସିଡିପିଓ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଖାଦ୍ୟ ନିରାପତ୍ତା ମିଶନ କ୍ଷେତ୍ର ଦିବସ

**ବାଲିକୁଦା,୧୬।୧୦(ସ୍ୱ.ପ୍ର.)**

ବାଲିକୁଦା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ତିତିରା ପଞ୍ଚାୟତର ବାଲିପାଟଣାଠାରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ କ୍ଷେତ୍ର ଦିବସ ପାଳିତ ହୋଇଛି। ବାଲିକୁଦା ସହକାରୀ କୃଷୀ ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବା ପ୍ରଶିକ୍ଷକଭାବେ ଜିଲା ମୁଖ୍ୟକାର୍ଯ୍ୟାଳୟ ସହକାରୀ କୃଷି ଅଧିକାରୀ ଜନାର୍ଦ୍ଦନ ବଳ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଗ ଚାଷର ବିହନ ବିଶୋଧନ ପ୍ରଣାଳୀ, ଅନୁମୋଦିତ ଅଣୁ ସାର, କୀଟନାଶକ ବ୍ୟବହାର ଓ ଅମଳ ପରେ ଶସ୍ୟର ସଂଗ୍ରକ୍ଷଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପଣାଳୀ ଉପରେ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।। ଜାତୀୟ ଖାଦ୍ୟ ନିରାପତା ମିସନ ଯୋଜନା ଅନ୍ତର୍ଗତ ବିଭିନ୍ନ କୃଷି ଯନ୍ତ୍ରପାତିରେ ସରକାର ଦେଉଥିବା ରିହାତି ଉପରେ ଆଲୋକପାତ କରାଯାଇଥିଲା। ସ୍ପ୍ରେୟର(ସିଞ୍ଚନ ଯନ୍ତ୍ର), ଡାଲ ପ୍ରୋସେସିଂ ୟୁନିଟ (ଡାଲି ଜାତୀୟ ଶସ୍ୟ ମାନ ନିର୍ଦ୍ଧାରଣ ଯନ୍ତ୍ର) ଆଦି ଅନ୍ତର୍ଭୁକ୍ତ ଥିବା ପ୍ରଶିକ୍ଷକ ବଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେସନରେ ତିତିରା ପଞ୍ଚାୟତ କାର୍ଯ୍ୟାଳୟରେ ଜୀବ ନାଶକର ଠିକ ଓ ନିରପଦ ବ୍ୟବହାର ସମ୍ପର୍କିକ ତାଲିମ ଶିବିରର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ବାବେ ସରପଞ୍ଚ ଅଜୟ ମହାନ୍ତି ଯୋଗ ଦେଇଥିଲେ। ରୋଗ ପୋକ ଚିହ୍ନଟ, ନିୟନ୍ତ୍ରଣ, ରୋଗ ପୋକର ଲକ୍ଷ୍ୟଣ, ଏହାର ନିରାକରଣ ଆଦି ଉପରେ ଚାଷୀଙ୍କୁ ବୁଝା ଯାଇଥିଲା। ମାଛଗାଁ ସହକାରୀ କୃଷି ଅଧିକାରିଣୀ ଯୁଗସ୍ମିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିବିରରେ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭିଏଲଡବ୍ଲ୍ୟୁ ମାନସ ରଞ୍ଜନ ରାଉତରାୟ, ସରୋଜକାନ୍ତ ରାୟ, ପ୍ରଭୁ ଚରଣ ନାୟକ, ସବିତା ଶତପଥୀ, ଏଟିଏମ୍ ଅଶ୍ୱିନୀ ଜେନା, ସିଶ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ଦେବସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦୂଷଣ କ୍ଷେତ୍ରରେ ପାରାଦୀପ କ୍ରିଟିକାଲ ଏରିଆ ଘୋଷିତ

**ପାରାଦୀପ,୧୬।୧୦(ସ୍ୱ.ପ୍ର.)**

ପାରାଦୀପ ଶିଳ୍ପାଞ୍ଚଳକୁ ଏବେ ଅଧିକ ପ୍ରଦୂଷଣ ପାଇଁ କ୍ରିଟିକାଲ ଏରିଆଭାବେ ସରକାରୀସ୍ତରରେ ଘୋଷଣା କରାଯାଇଛି। ଉକ୍ତ ଘୋଷଣା ଗତ ସେପ୍ଟେମ୍ବର ୧୯ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ଡ. ମୋନା ଶର୍ମା ବିଜ୍ଞପ୍ତି (ନଂ ୧୭୬୭୪)ରେ ଦର୍ଶାଇଛନ୍ତି। ଏପରି କ୍ରିଟିକାଲ ଏରିଆକୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିୟମ ମ୍ୟୁନିସିପାଲଟି ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍ ୨୦୧୬ ଅନୁସାରେ କମିଟି ଗଠନ ପାଇଁ ସଚିବ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏନ୍‌ଜିଟିର କେସ୍ ନଂ-୬୦୬/୨୦୧୮ ଘୋଷଣା ୨୬।୩।୨୦୧୯ରେ ହୋଇଥିଲା। ସେହି କେସ୍‌ର କମିଟି ପଲିସି ଏବଂ କେନ୍ଦ୍ର


ପାରାଦୀପ ଅଞ୍ଚଳରେ ଧୂଳିର ଆସ୍ତରଣ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଗ୍ୟାପ୍ ଆନାଲିସିସ୍ ରିପୋର୍ଟ ଆଧାରରେ କମିଟି ନିୟମିତ ପ୍ରଦୂଷଣ ଯାଞ୍ଚ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ଏହି ରିପୋର୍ଟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ନିୟମିତ ରିପୋର୍ଟ ପ୍ରଦାନ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। କମିଟିରେ ଅଧ୍ୟକ୍ଷ ଜିଲାପାଳ ରହିବେ। ସଦସ୍ୟଭାବେ ପାରାଦୀପ ଏଡିଏମ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ରାଜନଗର ବନଖଣ୍ଡ ଅଧିକାରୀ, ଖଣି ବିଭାଗ ଯାଜପୁର ଓ କେନ୍ଦୁଝର ଜିଲାର ଡେପୁଟି ଡାଇରେକ୍ଟର ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗ, ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ଦୁଇଜଣ ସ୍ଥାନୀୟ ବରିଷ୍ଠ ନାଗରିକ ଓ ଦୁଇ ପଞ୍ଜିକୃତ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟଙ୍କୁ ମିଶାଇ ୧୩ ଜଣ ସଦସ୍ୟ ରହିବେ। ଏହି କମିଟି ନିୟମିତ ଏୟାର ଆମ୍ବିଏଣ୍ଟ ମନିଟରିଂ ସିଷ୍ଟମ ଦ୍ୱାରା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ସ୍ୱାସ୍ଥ୍ୟ ରିପୋର୍ଟ ଆଦି ପ୍ରଦର୍ଶିତ କରିବେ ବୋଲି ବିଜ୍ଞପ୍ତିରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ପ୍ରଦୂଷଣ ବୋର୍ଡର ସିଇପିଆଇ (କମ୍ପରସିଭ ଏନଭାରମେଣ୍ଟ ପଲ୍ୟୁସନ୍ ଇଣ୍ଡେକ୍ସ) ନିୟମାନୁସାରେ ୭୦ ପ୍ରତିଶତ ପ୍ରଦୂଷଣରୁ ଅଧିକ ଥିଲେ ସେହି ଅଞ୍ଚଳକୁ କ୍ରିଟିକାଲ ଏରିଆ ଘୋଷଣା କରାଯିବାକଥା। ପାରାଦୀପରେ ସିଇପିଆଇ ରିପୋର୍ଟ ଅନୁସାରେ ୬୯, ୩୫ ପ୍ରତିଶତ ପ୍ରଦୂଷଣ ଥିଲା। ଚଳିତ ମାସରେ ସେହି ପ୍ରଦୂଷଣ ରିପୋର୍ଟ ସିଇପିଆଇକୁ ସଙ୍କୁଚିତ କରାଯାଇ ଏସ୍.ପି.ଏ(ସେଭେରାଲ ପଲ୍ୟୁସନ ଏରିଆ) ଦ୍ୱାରା ମାପ କରାଯାଉଛି। ଏହି ରିପୋର୍ଟ ଅନୁସାରେ ପାରାଦୀପର ପ୍ରଦୂଷଣ ଏବେ ୬୦.୬୧କୁ ହ୍ରାସ ପାଇଛି। କିନ୍ତୁ ନୂଆ ନିୟମ ଅନୁସାରେ ଏହି ମାତ୍ରାକୁ କ୍ରିଟିକକାଲ ବୋଲି ଖୋଦ୍ ସରକାରୀ ଭାବେ ଘୋଷଣା କରାଯାଇଛି। ଉକ୍ତ କ୍ରିଟିକାଲ ଏରିଆ ଘୋଷଣା ପରେ ଏହା ନୂଆ ଶିଳ୍ପ ଓ ଥିବା ଶିଳ୍ପର ସମ୍ପ୍ରସାରଣ ଉପରେ କଳାବାଦଲ ଛାଇଯାଇଛି ବୋଲି କୁହାଯାଉଛି। ଆଗାମୀ ଦିନରେ ସରକାର କିପରି ଆଇନ କରି ନୂଆ ଶିଳ୍ପ କରିବେ ତାହା ଦେଖିବାକୁ ବାକି ରହିଲା। ଅପରପକ୍ଷେ କମିଟି ନିୟମିତ ଯାଞ୍ଚକରି କେତେ ମାତ୍ରାରେ ପ୍ରଦୂଷଣ ହ୍ରାସ କରିବେ ତା' ମଧ ବିଚାର୍ଯ୍ୟର ପ୍ରସଙ୍ଗ ପାଲଟିଛି।


ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅଧୀନ ଦହିପାଳ ଗ୍ରାମରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା'ଙ୍କ ଷୋଡଶ ଉପଚାର ପୂଜା କରାଯାଇଛି। ବୁଧବାର ମା'ଙ୍କ ପୁର୍ଣ୍ଣାହୁତି ହୋଇଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ମହାସ୍ନାନ, ପ୍ରାଣ ପ୍ରତିଷ୍ଠା, ଷୋଡଶ ଉପଚାର ପୂଜା, ଅଗ୍ନି ସ୍ଥାପନ କାର୍ଯ୍ୟ ଆଦି କାରାଯାଇଥିଲା। ମା'ଙ୍କ ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିବା ବେଳେ ପୂଜା କମିଟି ପକ୍ଷରୁ ୩ ଦିନ ଧରି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟି ତରଫରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ସଂକ୍ଷେପରେ

### ବେଆଇନ ମେଡିସିନ ଷ୍ଟୋର ସିଜ୍, ଔଷଧ ଜବତ

**ରାଜନଗର,୧୬।୧୦(ଡି.ଏନ.ଏ.):** ରାଜନଗର ଥାନା ଅନ୍ତର୍ଗତ ଓକିଲପାଳ ବଜାର ଉପରେ ଦୀର୍ଘଦିନ ଧରି ଚାଲିଥିବା ଏକ ମେଡିସିନ ଷ୍ଟୋରକୁ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସିଜ କରାଯାଇଛି। ବୁଧବାର ଡ୍ରଗ୍ସ ଇନ୍ସପେକ୍ଟର ମନୋସ୍ୱିନୀ ବିଶ୍ୱାଳ, ମାଜିଷ୍ଟ୍ରେଟ ତଥା ଆଡିସନାଲ ତହସିଲଦାର ପ୍ରମୋଦ କୁମାର ମହାନ୍ତି, ପୋଲିସ ସବ୍ ଇନ୍ସପେକ୍ଟର ଅଜୟ କୁମାର ସାହୁ ଓକିଲପାଳ ବଜାରରେ ଥିବା ପଞ୍ଚାନନ ମଣ୍ଡଳଙ୍କ ମେଡିସିନ ଷ୍ଟୋର ଉପରେ ଚଢାଉ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଏହି ଚଢାଉ ଚାଲିଥିଲା। ବିନା ଲାଇସେନ୍ସରେ ଦୀର୍ଘ ବର୍ଷ ଧରି ଏହି ମେଡିସିନ ଷ୍ଟୋର ଚାଲି ଆସିଥିଲା। ଚଢାଉ ସମୟରେ ୭୦ ପ୍ରକାର ମେଡିସିନ ଜବତ କରାଯାଇଛି। ଜବତ ମେଡିସିନ ଅସଲି କି ନକଲି ଜାଣିବା ପାଇଁ ନମୁନା ସଂଗ୍ରହ କରାଯାଇଛି। କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ଥିବା ବେଆଇନ ମେଡିସିନ ଷ୍ଟୋର ଉପରେ ଚଢାଉ ଜାରି ରହିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ବିଶ୍ୱାଳ ସୂଚନା ଦେଇଛନ୍ତି।

### ଡ. କଲାମଙ୍କ ଜୟନ୍ତୀ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୬।୧୦:** ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିକୁ ବିନିଯୋଗ କରି ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ନିଜର ସ୍ୱପ୍ନକୁ ସାକାର କରିଥିଲେ। ଅଧ୍ୟବସାୟକୁ ମୂଳମନ୍ତ୍ର କରିଥିବା ଡ. କଲାମ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଛନ୍ତି। ଜଣେ ସଫଳ ଶିକ୍ଷକ, ପରିବେଶବିତ୍, ବୈଜ୍ଞାନିକ, ଜନନେତା ଭାବେ ଡ. କଲାମ ପରିଚିତ ବୋଲି ୮୮ତମ ଜୟନ୍ତୀ ଉତ୍ସବରେ ମଙ୍ଗଳବାର ଅତିଥିମାନେ ମତପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଡ. ଏପିଜେ ଅବଦୁଲ କଲାମ ସ୍ମୃତି କମିଟି ପକ୍ଷରୁ ସହରର ଖଡିଅଙ୍ଗ କାର୍ଯ୍ୟାଳୟ ସମ୍ମୁଖରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ସ୍ମୃତି କମିଟି ସଭାପତି କୁଞ୍ଜବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ଈଶ୍ୱରଚନ୍ଦ୍ର ସାହୁ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଦ୍ୱିଜନାଥ ଚାଟାର୍ଜୀ, ନିରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭ୍ରମର ରାଉତ, ଧନେଶ୍ୱର ରାଉତ ପ୍ରମୁଖ ଏହି ଉତ୍ସବରେ ଡ. କଲାମଙ୍କ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ଅତିଥିମାନେ ଡ. କାଲାମଙ୍କୁ ଜଣେ ଯୁଗଦ୍ରଷ୍ଟା ଭାବେ ଅଭିହିତ କରିବା ସହିତ ତାଙ୍କର ଗୁଣାବଳୀକୁ ମନେ ପକାଇଥିଲେ। ସ୍ମୃତି କମିଟି ଆବାହକ ହେମନ୍ତ କୁମାର ଜେନା, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଗୋପୀନାଥ ବାରିକ ପ୍ରମୁଖ ଜୟନ୍ତୀ ଉତ୍ସବ ପରିଚାଳନା କରିଥିଲେ।


**କେନ୍ଦ୍ରାପଡା ଜିଲା ଗଜଲକ୍ଷ୍ମୀ ପୂଜା:** ଆଳି ବଡ଼ମଙ୍ଗ


ଗଙ୍ଗାଭାଗୀରଥି


ନୂଆ ବସ୍‌ଷ୍ଟାଣ୍ଡ ଥାନପତି


ତିନିମୁହାଣି


ହାଟ ମଝି (ମାର୍ଶାଘାଇ)


କଷୋଟି ଛକ (ମାର୍ଶାଘାଇ)


ଠାକୁରପାଟଣା(ଡେରାବିଶ)


ଠାକୁରହାଟ (ଡେରାବିଶ)

# ପ୍ରଥମେ ବଡ଼ମଙ୍ଗରେ ଆରମ୍ଭ ହୋଇଥିଲା ଗଜଲକ୍ଷ୍ମୀ ପୂଜା

**ଗଜଲକ୍ଷ୍ମୀ ପୂଜୋତ୍ସବ**

**କେନ୍ଦ୍ରାପଡା ଅଫିସ,୧୬।୧୦**

କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି। କେନ୍ଦ୍ରାପଡା ସହରାଞ୍ଚଳରେ ପୂଜାର ମାହୋଲ ସୃଷ୍ଟି ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ କିଛି କମ୍ ନୁହେଁ। ଜିଲାର ଏହି ଗଣପର୍ବ ଆରମ୍ଭ ହୋଇଥିବା ଆଳି ବ୍ଲକ ଅନ୍ତର୍ଗତ ବଡମଙ୍ଗ ଠାରେ ଉତ୍ସାହ ବେଶି ଦେଖିବାକୁ ମିଳିଛି । କେତେକ ସ୍ଥାନରେ ଆଖିଝଲସା ଡେକୋରେସନ ଯାତ୍ରୀଙ୍କ ମନ ମୋହୁଛି। ଆଳିର ବଡମଙ୍ଗ ଗ୍ରାମ ସହିତ ଆଖପାଖ ଅଞ୍ଚଳରେ ୯ଟି ମଣ୍ଡପରେ ମାଆଙ୍କ ପୂଜାର୍ଚ୍ଚନା ଶ୍ରଦ୍ଧାଳୁମାନେ କରୁଥିବା ବେଳେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି । ଏ ସମ୍ପର୍କରେ ଗ୍ରାମର ୮୫ ବର୍ଷ ବୟସ୍କ ରମେଶ ବେହେରା କୁହନ୍ତି ଯେ, ହେତୁ ପାଇଲା ସମୟରୁ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଦେଖି ଆସୁଛି । ତେବେ ଏହି ପୂଜା ସ୍ଥାନୀୟ ଅଞ୍ଚଳରୁ ବିଦେଶକୁ ଯାଉଥିବା ସାଧବମାନେ ଆରମ୍ଭ କରିଥିବା ଜନଶ୍ରୁତି ଅଛି । ସେ କହିଛନ୍ତି ଯେ, ମାଆଙ୍କ ପୂଜା ବିଧାନ ଏଠାରେ ସ୍ୱତନ୍ତ୍ର । କୁମାର ପୂର୍ଣ୍ଣିମାର ଚାନ୍ଦ ଉଇଁଲେ ମାଆଙ୍କ ଆବାହନୀ ହୁଏ । ପ୍ରଥମ ନୈବେଦ୍ୟ ମଣ୍ଡା ପିଠା ଅର୍ପଣ ଦୀର୍ଘଦିନ ଧରି ପରମ୍ପରା ଭାବେ ଚଳି ଆସିଛି । ସେହିପରି ଗ୍ରାମ୍ୟ ପରିବେଶକୁ ସଫାସୁତରା ରଖିବା ଗ୍ରାମବାସୀଙ୍କ କର୍ତ୍ତବ୍ୟ ପାଳଟିଯାଏ । ଏହି ସମୟରେ ଗ୍ରାମର କୌଣସି ଅଧିବାସୀଙ୍କ ଘରକୁ ଆମିଷ ପ୍ରବେଶ ନିଷେଧ ହୋଇଥାଏ । ପ୍ରତ୍ୟେକ ଘର ଦାଣ୍ଡଦୁଆର ମୁହଁରେ ଗୋବରପାଣି ପଡି ପବିତ୍ର କରାଯାଏ । ଗ୍ରାମର ମହିଳା ମା' ଗଜଲକ୍ଷ୍ମୀଙ୍କୁ ଦେବୀ ଭାବେ ନ ଭାବି ନିଜ ଘରକୁ ଝିଅ ଆସିଛି ବୋଲି ଭାବିଥାନ୍ତି । ଏଥିପାଇଁ ପୂଜା ଅବଧି ୭ ଦିନ ଧରି ମଣ୍ଡାୟ, କାକରାଠାରୁ ଆରମ୍ଭ କରି ଫଳମୂଳ ଓ ଅନ୍ନାଦି ନୈବେଦ୍ୟ କରାଯାଏ । ବଡମଙ୍ଗରେ ଗଜଲକ୍ଷ୍ମୀ ପୂଜା ସମ୍ପର୍କରେ ଗବେଷକ ଡ. ସର୍ବେଶ୍ୱର ସେଣ କୁହନ୍ତି ଯେ, ଏହି ପୂଜାର୍ଚ୍ଚନା ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀରୁ ଚାଲି ଆସିଛି। ସେ କୁହନ୍ତି ଯେ, କେନ୍ଦ୍ରାପଡା ଜିଲାରେ ନଦୀନାଳ ସବୁ ଛନ୍ଦାଛନ୍ଦି ହୋଇ ରହିଛି । ବ୍ରାହ୍ମଣୀ ନଦୀ ମୁହାଣରେ ପଟ୍ଟାମୁଣ୍ଡାଇ ବନ୍ଦର ଥିଲା । ଷୋଡ଼ଶ ଶତାବ୍ଦୀରେ କନିକା ଉପକୂଳସ୍ଥ ବଙ୍ଗୋପସାଗରର ଅଂଶକୁ କନିକା ଉପସାଗର କୁହାଯାଉଥିବା ବେଳେ ପଟ୍ଟାମୁଣ୍ଡାଇ ବନ୍ଦରରୁ ପଣ୍ୟ କାରବାର ହେଉଥିଲା । ଆଖପାଖ ଅଞ୍ଚଳର ବହୁ ସାଧବ ବିଦେଶ ଯାଇ ଧନରତ୍ନ ଆଣିବା ସହିତ ସେହି ଅଞ୍ଚଳର ସଂସ୍କୃତିକୁ ଦେଖି ଶିଖି ଆସିଥିଲେ। ଏହାର ନମୁନା ଜିଲାର ବହୁ ଅଞ୍ଚଳରେ ଦେଖିବାକୁ ମିଳୁଛି । ଗଜଲକ୍ଷ୍ମୀ ହେଉଛନ୍ତି ଧନଦାତ୍ରୀ । ସାଧବପୁଅ ମାଆ ମଙ୍ଗଳାଙ୍କୁ କୁଳଦେବତା ଭାବେ ପୂଜିଥାନ୍ତି । ଧନଦାତ୍ରୀଙ୍କ ପୂଜା କରି ଏଠାରେ ଏକ ନୂତନ ପରମ୍ପରା ଆରମ୍ଭ କରା ଯାଇଥିଲା । ଗ୍ରାମର ବିକାଶ କୁମାର ସାହୁ କୁହନ୍ତି ଯେ, ପୂଜା ସମୟ ଆସିଲେ ଜିଲା ବାହାରେ ଥିବା କର୍ମଜୀବୀ ଘରକୁ ଫେରି ଆସିଥାନ୍ତି। ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ଡେକୋରେସନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି ।

# ଠାକୁରପାଟଣା ଉତ୍ସବମୁଖର

**ଡେରାବିଶ,୧୬।୧୦(ସ୍ୱ.ପ୍ର.)**

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଡେରାବିଶର ପୂରପଲ୍ଲୀ କୁମାର ପୂର୍ଣ୍ଣିମାଠାରୁ ଉତ୍ସବ ମୁଖର ହୋଇପଡିଛି । ବ୍ଲକ ଅଞ୍ଚଳରେ ଏହି ପର୍ବ ଗଣପର୍ବ ଭାବେ ପାଳିତ ହେଉଛି । ବ୍ଲକ ଅଧୀନସ୍ଥ ଗୁଆଳସିଂ ପଞ୍ଚାୟତର ଠାକୁର ପାଟଣା, ଠାକୁରହାଟ, ଉଦୟନଗର ଗ୍ରାମ ପୂଜା ପାଇଁ ଉତ୍ସବମୁଖର ହୋଇଛି। ଠାକୁରପାଟଣା ଗ୍ରାମରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ଜଣାଶୁଣା କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ଗ୍ରାମର ପରିବେଶକୁ ଭକ୍ତିମୟ କରିଥିଲା। ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମା'ଙ୍କ ପୂଜାକୁ ଗ୍ରାମବାସୀ ଅତି ନିଷ୍ଠା ଓ ଭକ୍ତିର ସହ ପାଳନ କରି ଆସୁଛନ୍ତି । ୭ ଦିନ ଧରି ଅନୁଷ୍ଠିତ ଏହି ପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ, କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନିଅନ୍ତି ଗ୍ରାମବାସୀ । ପୂଜା କମିଟିର ସଭାପତି ମାୟାଧର ବିହାରୀ, ରଘୁନାଥ ବେହେରା, ଅନନ୍ତ ଚରଣ ମହଲା କୁହନ୍ତି , ମାଆଙ୍କ ପୂଜା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଧର୍ମୀୟ ଭାବନା ସୃଷ୍ଟି ହେବା ସହ ଗ୍ରାମର ସାମାଜିକ ସମ୍ପର୍କ ସୁଦୃଢ ହୋଇପାରିଛି । ଏଥିସହିତ ଠାକୁର ହାଟ ବଜାର ପୂଜା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସେହିପରି ଠାକୁରପାଟଣା ବିହାରୀ ଛକରେ ପୂଜା ପାଉଥିବା ହରପାର୍ବତୀଙ୍କ ପୂଜା ମଣ୍ଡପରେ ଅନୁଷ୍ଠିତ ଘୋଡାନାଚ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଉଦୟନଗର ଗ୍ରାମରେ ପୂଜା ପାଉଥିବା ମା'ଙ୍କ ମଣ୍ଡପରେ ଗ୍ରାମବାସୀ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ବୋଲି କମିଟିର କର୍ମକର୍ତ୍ତା ଦିଲୀପ ଦାସ କହିଛନ୍ତି।

# ୨୦୧ ୟୁନିଟ ରକ୍ତ ସଂଗୃହୀତ



**କେନ୍ଦ୍ରାପଡା ଅଫିସ, ୧୬।୧୦**

କେନ୍ଦ୍ରାପଡା ବିଜୁ ଜନତାଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜୟନ୍ତୀ ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଥିଲା। ଏଥିରେ ଜିଲା ବ୍ଲଡ ବ୍ୟାଙ୍କର କର୍ମଚାରୀମାନେ ମୋଟ ୨୦୧ ୟୁନିଟ ସଂଗ୍ରହ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଧାୟକ ଶଶିଭୂଷଣ ବେହେରା ଓ ସିଡିଏମଓ ଡା. ଉର୍ମିଳା ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିସହିତ ଜଖାଙ୍ଗସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୭୪ଟି ବିଭିନ୍ନ କିସମର ବୃକ୍ଷ ରୋପଣ କରାଯିବା ସହିତ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ୭୪ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ସହ ସଂଯୋଜକ ରାଜେଶ ପଣ୍ଡା, ଦେବଦାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଆବାସ ଯୋଜନାରେ କେଳେଙ୍କାରୀ ଘଟଣା

# କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ସମେତ ୨ ଗିରଫ

**ଆଳି, ୧୬।୧୦ (ଡି.ଏନ୍.ଏ.)**

ଆଳି ବ୍ଲକ ଅରେହିକଣା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ବଣ୍ଟନରେ ଅନିୟମିତତା ନେଇ ଥାନାରେ ଅଭିଯୋଗ ହେବା ପରେ ମଙ୍ଗଳବାର ରାତିରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ଲକ କାର୍ଯ୍ୟାଳୟର କମ୍ପ୍ୟୁଟର ପ୍ରୋଗାମର ହିମାଂଶୁ ଦାଶ ଓ ଉକ୍ତ ପଞ୍ଚାୟତର ଜିଓଟ୍ୟାଗ୍ ପାଇଁ ଅଧିକୃତ ହୋଇଥିବା ସାମୟିକ କର୍ମଚାରୀ ବିଶ୍ୱରଞ୍ଜନ ଦାସ। ପ୍ରକାଶ ଯେ, ଆଳି ବ୍ଲକ ଅଧୀନ ଅରେହିକଣା ପଞ୍ଚାୟତର ପୁଷ୍ପଲତା ସୂତାରଙ୍କୁ ୨୦୧୬-୧୭ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ କାର୍ଯ୍ୟାଦେଶ ମିଳିଥିଲା। ପ୍ରଥମ କିସ୍ତି ଟଙ୍କା ପାଇବା ପରେ ବି ସେ ଘର ନିର୍ମାଣ ଆରମ୍ଭ କରି ନ ଥିଲେ। ଏହାସତ୍ତ୍ୱେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦ୍ୱିତୀୟ କିସ୍ତି ବାବଦ ୩୦ ହଜାର ଟଙ୍କା ଆସିଥିଲା। ପ୍ରକୃତରେ ଘର ନିର୍ମାଣ ହୋଇଛି କି ନାହିଁ ନଜାଣି କମ୍ପ୍ୟୁଟର ପ୍ରୋଗ୍ରାମର ଦାଶ ଟଙ୍କା ପଠାଇଥିବା ଆଳି ବ୍ଲକ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ଜିଲାପାଳଙ୍କ ଅଫିସରେ ଅଭିଯୋଗ ହୋଇଥିଲା। ତେବେ ଗତ ସୋମବାର ଆଳି ବ୍ଲକରେ ଜନଶୁଣାଣି ସରିବା ପରେ ଜିଲାପାଳ ସମର୍ଥ ବର୍ମା ଅରେହିକଣା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତହିଁ ପରଦିନ ଅର୍ଥାତ୍ ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ଦାଶ ଓ ଜିଓଟ୍ୟାଗ କରୁଥିବା ଦାସଙ୍କ ନାମରେ ଆଳି ଥାନାରେ ଅଭିଯୋଗ କରିଥିଲେ। ବିଡିଓଙ୍କ ଅଭିଯୋଗ ପାଇବା ପରେ ଆଳି ପୋଲିସ ଉଭୟଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରି ଥାନାରେ ରଖି ପଚରାଉଚୁରା ଚଳାଇଛି।

# ଥାନା ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା

**ରାଜନଗର,୧୬।୧୦(ଡି.ଏନ.ଏ.)**

ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ମଧ୍ୟକୁ ଅଣଛାତ୍ର ପ୍ରବେଶକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଥାନା ଆଗରେ ବୁଧବାର ଧାରଣା ଦେଇଥିଲେ। ପ୍ରକାଶ ଯେ, ଅଣଛାତ୍ରମାନେ ଅନେକ ସମୟରେ ମହାବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଓ ଅରାଜକତା ସୃଷ୍ଟି କରି ଆସୁଥିବା ଅଭିଯୋଗ ହୋଇ ଆସୁଛି । ତେବେ ଏ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୋଲିସ ନୀରବଦ୍ରଷ୍ଟା ସାଜିବା ଦେଖିବାକୁ ମିଳିଛି । ମଙ୍ଗଳବାର ମହାବିଦ୍ୟାଳୟ ଭିତରକୁ କେତେକ ଅଣଛାତ୍ର ପ୍ରବେଶ କରି ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଘଟଣା ନେଇ ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣାକୁ ଛାତ୍ରମାନେ ବିରୋଧ କରିବାରୁ ଅଣଛାତ୍ରମାନେ ମହାବିଦ୍ୟାଳୟ କ୍ୟାମ୍ପସରେ କେତେକ ଛାତ୍ରଙ୍କୁ ମାଡ ମାରିଥିଲେ। ଫଳରେ ଅଣଛାତ୍ରଙ୍କୁ ଗିରଫ ଦାବିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ରାଜନଗର ଥାନା ଆଗରେ ଧାରଣାରେ ବସିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ ଓ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିବା ସହ ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ ଲଗାଯିବ ଓ ଅରାଜକତା ସୃଷ୍ଟି କରୁଥିବା ଅଣଛାତ୍ରଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠିଥିଲେ।

# ଫେରିଘାଟରେ ଡଙ୍ଗା ଚଳାଚଳ ନେଇ ବିବାଦ

**ମହାକାଳପଡ଼ା ବ୍ଲକ**

**ମହାକାଳପଡା, ୧୬।୧୦ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ କଂସାର ବଡ ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଏକଲପୁର ଗ୍ରାମର ଗୋବରୀ ନଦୀ ଫେରିଘାଟରେ ବୋଟ ଚଳାଚଳକୁ ନେଇ ବିବାଦ ଉପୁଜୁଛି। ୨ ବର୍ଷ ହେବ ଫେରିଘାଟର ନିଲାମ ହୋଇ ନ ଥିବା ବେଳେ ଡଙ୍ଗାରେ ଯାତ୍ରୀ ପରିବହନ ନେଇ ୨ ଡଙ୍ଗା ମାଲିକଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା। ଏପରିସ୍ଥିତିରେ ଉଭୟ ପକ୍ଷରୁ ଫେରିଘାଟରେ ନୂଆ ଡଙ୍ଗା ଚଳାଚଳକୁ ନେଇ ପୁନର୍ବାର ବିବାଦ ଉପୁଜିଛି। ଏହାର ନିଲାମ ପାଇଁ ବ୍ଲକରୁ ଅନୁମତି ମିଳି ନ ଥିବା ବେଳେ ଡଙ୍ଗା ଚଳାଚଳକୁ ନେଇ ସରପଞ୍ଚଙ୍କ ମନଇଚ୍ଛା ଅନୁମତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସରପଞ୍ଚ ଲୋଭାବତୀ ରାଉତ କହିଛନ୍ତି, ଅଦ୍ୟାବଧି ଫେରିଘାଟ ନିଲାମ ହୋଇ ନ ଥିବା ବେଳେ ପୂର୍ବରୁ ଜଣେ ବ୍ୟକ୍ତି ଏଠାରେ ଯାତ୍ରୀ ପରିବହନ କରୁଥିଲେ। ମାତ୍ର ସେ ପଞ୍ଚାୟତକୁ ଏଥିପାଇଁ ଟଙ୍କା ନ ଦେବାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଏହି ଫେରିଘାଟରେ ଡଙ୍ଗା ଚଳାଚଳ ପାଇଁ ଅନୁମତି ଦିଆଯାଇଛି। ଅପରପକ୍ଷେ ଫେରିଘାଟରେ ୨୦୦୪ ବୋଟ ଚଳାଚଳ ଆଇନ ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ଏଠାରେ ଡଙ୍ଗା ଚଳାଚଳ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିବା ଜଣାପଡିଛି। ସୂଚନାଫଳକ, ବୋଟ ପଞ୍ଜୀକରଣ, ନାଉରିଆ ପଞ୍ଜୀକରଣ, ପାନୀୟ ଜଳ, ଲାଇଫ୍ ଜ୍ୟାକେଟ୍, ପ୍ରାଥମିକ ଚିକିତ୍ସା କିଟସ୍, ବୋଟ ଧାରଣ କ୍ଷମତା ପ୍ରମାଣପତ୍ର ନଥିବାରୁ ଫେରିଘାଟକୁ ଅଦ୍ୟାବଧି ଅନୁମତି ମିଳିପାରିନାହିଁ। ଏଭଳି ସ୍ଥିତିରେ ଏଠାରେ ଡଙ୍ଗା ଚଳାଚଳକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ଭାରପ୍ରାପ୍ତ ବିଡିଓ ମୁରଲୀଧର ଦାଶ କହିଛନ୍ତି, ଫେରିଘାଟରେ ଡଙ୍ଗା ଚଳାଚଳ ସମ୍ପର୍କରେ ତଦନ୍ତ କରାଯାଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଚଉଦକୁଲାଟ ଉତ୍ସବମୁଖର

**କେନ୍ଦ୍ରାପଡା ଅଫିସ, ୧୬।୧୦**

ଗତ ୪ ଦିନ ହେଲା କେନ୍ଦ୍ରାପଡା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଚଉଦକୁଲାଟରେ ମହାସମାରୋହରେ ପାଳିତ ହେଉଛି। ଚନ୍ଦନପୁରସ୍ଥ ଗଜଲକ୍ଷ୍ମୀ ପୂଜା ମଣ୍ଡପ ସହ ହାଇସ୍କୁଲ ନିକଟ ଅନନ୍ତ ଶୟନ ମଣ୍ଡପ, ବଜାରର ମଧ୍ୟଭାଗରେ ଥିବା ପଦ୍ମାଳୟା ପୂଜା କମିଟି ପକ୍ଷରୁ ମାଆ ମହାଲକ୍ଷ୍ମୀ, ବସଷ୍ଟାଣ୍ଡରେ ଟାଉନ କ୍ଲବର ଗଜଲକ୍ଷ୍ମୀ, ଥାନପତି ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ଓ ହାଟପଡ଼ିଆ ଠାରେ ଗ୍ରାଣ୍ଡ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି । ବିଭିନ୍ନ ତୋରଣ ଓ ସାଜସଜ୍ଜା ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଆଲୋକମାଳାରେ ସମ୍ପୂର୍ଣ୍ଣ ବଜାର ଝଲସି ଉଠିଛି । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି ।

# ନିର୍ମାଣ ଶ୍ରମିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୬।୧୦**

ଓଡିଶା ନିର୍ମାଣ ଶ୍ରମିକ ସଂଘର ପଞ୍ଚମ ରାଜ୍ୟସ୍ତରୀୟ ସମ୍ମିଳନୀ ସହରର ଟାଉନହଲ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୩ ବର୍ଷ ପାଇଁ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ପୁନର୍ବାର କାର୍ଯ୍ୟ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ପୂର୍ବାହ୍ନ ୧୧ଟାରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ସଭାପତି ବିଷ୍ଣୁ ଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ । କର୍ମକର୍ତ୍ତା ମାଧବ ଦାସ, ଜଗତ୍‌ଜୀବନ ଦାସ, ଗୟାଧର ଧଳ, ଅଜିତ ପରିଡା, ଧନେଶ୍ୱର ରାଉତ, ପରମେଶ୍ୱର ସୂତାର, ଧୃବର ବେହେରା, ନୃସିଂହ ତରାଇ, କାଳୀପ୍ରସାଦ ନାୟକ, ଖଗେଶ୍ୱର ପ୍ରଧାନ ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ । ସ୍ନେହଲତା ଗାହାଣ, ଅର୍ଜୁନ ସାହୁ, ରମେଶ ମଲିକ, ସୁଶାନ୍ତ ମଲିକ, ଅସିତ୍ ମିର୍ଦ୍ଧା, ସୁରେନ୍ଦ୍ର ରାଉତ, ପରିତୋଷ ଗାୟନ ମଧ୍ୟ ଶ୍ରମିକଙ୍କ ସମସ୍ୟା ଉପରେ କହିଥିଲେ। ଏଥିସହିତ ଆସନ୍ତା ଜାନୁଆରୀ ୮ ତାରିଖରେ ହେବାକୁ ଥିବା ସର୍ବ ଭାରତୀୟ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହାକୁ ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଟ୍ରେନ୍ ଧକ୍କାରେ ଶ୍ରମିକ ମୃତ

ପାରଦୀପ,୧୬।୧୦(ସ୍ୱ.ପ୍ର.): ପାରାଦୀପ ଫସ୍‌ପେଟସ ଲିମିଟେଡ୍ (ପିପିଏଲ୍)ପରିସରରେ ବୁଧବାର ଟ୍ରେନ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ୟାଗିଂ ପ୍ଲାଣ୍ଟର ଠିକା ଶ୍ରମିକ ମୋହନ ସ୍ୱାଇଁ(୫୪)। ସକାଳେ ମୋହନ ଶୌଚପାଇଁ ଯିବାବେଳେ ଟ୍ରେନଲାଇନ କଡ଼ରେ କୌଣସି କାରଣବଶତଃ ପଡ଼ିଯାଇଥିଲେ। ଏହି ସମୟରେ ୱାଟନ ଆଗପଛ ହେଉଥିବାରୁ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାପରେ ବ୍ୟାଗିଂ ପ୍ଲାଣ୍ଟର ଶ୍ରମିକମାନେ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ଶ୍ରମିକ ପ୍ରତିନିଧି ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ସମାଧାନର ବାଟ ବାହାରିଥିଲା। ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ଓ ତାଙ୍କ ଝିଅକୁ କମ୍ପାନୀରେ ଚାକିରି ମିଳିବ ବୋଲି କୁହାଯାଇଥିଲା। ଏହାପରେ ପାରାଦୀପ ମଡେଲ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।




## ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ଦେଢ଼ ଲକ୍ଷ ଲୁଟ୍

**ସୋର,୧୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏକ ସପ୍ତାହ ମଧ୍ୟରେ ୫ଟି ଲୁଟ୍ ହୋଇଥିବା ଜଣାପଡ଼ିଛି। ବୁଧବାର ଅପରାହ୍ଣରେ ସୋର ଥାନା ଅଧୀନ ନୂଆସାହିରେ ଥିବା ଏସ୍‌କେଏସ୍ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀକୁ ଭୁଜାଲି ଦେଖାଇ ମାଡ଼ ମାରି ତାଙ୍କଠାରୁ ୧ଲକ୍ଷ ୫୦ହଜାର ଟଙ୍କା ଲୁଟି ନିଆଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅବିନାଶ ଦିକ୍ଷିତ ନାମକ ଏହି କର୍ମଚାରୀ ଶିଙ୍ଗାଖୁଣ୍ଟା ନୂଆଶାସନ ରାସ୍ତା ଦେଇ ବାଇକ୍‌ରେ ଯାଉଥିବାବେଳେ ୨ଜଣ ଯୁବକ ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ମୋଟରସାଇକେଲ ଡିଜି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ପୋଲିସ ଏ ନେଇ ତଦନ୍ତ ଚଳାଇଥିବା କହିଛି।

## ଚୋରା ପଥର ଓ ମୋରମ ଖାଦାନ ଉପରେ ଚଢ଼ାଉ

**ସଜନାଗଡ଼,୧୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା, ବେଗୁନିଆ ଆଦି ସ୍ଥାନରେ ଥିବା ଚୋରା ପଥର ଓ ମୋରମ ଖାଦାନ ଉପରେ ବୁଧବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନୀଳଗିରିର ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା ଓ ନୀଳଗିରି ଥାନା ଆଇଆଇସିଙ୍କୁ ନେଇ ଗଠିତ ଏକ ଟିମ୍ ବାଘମରା ପଥର ଖାଦାନ ଉପରେ ଚଢ଼ାଉ କରିଥିଲେ। ଖାଦାନ ମାଲିକମାନେ କୌଣସି ସୂତ୍ରରୁ ଖବର ପାଇ ନିଜର ଗାଡ଼ି ଓ ମେସିନ୍‌କୁ ଉଠାଇ ନେଇ ପଳାଇଯାଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ସଂକ୍ଷେପରେ

### ଶଟର କାଟି ଲୁଗା ଦୋକାନରୁ ଲୁଟ

**ଯାଜପୁର ଟାଉନ,୧୬।୧୦(ଡି.ଏନ୍.ଏ.):** ଶଟର କାଟି ଲୁଗା ଦୋକାନରୁ ଲୁଟ ହୋଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ଖଇରାବାଦ ଗାଁ ର ମା' ଲକ୍ଷ୍ମୀ ଟେକ୍ସଟାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଲୁଗାଲୁଟ କରି ଫେରାର ହୋଇଯାଇଛନ୍ତି। ଲୁଟ ସାମଗ୍ରୀର ମୂଲ୍ୟ ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ଜୟନ୍ତ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପ୍ରାତଃ ଭ୍ରମଣ ସମୟରେ ଆକ୍ରମଣ

**ଯାଜପୁର ଟାଉନ,୧୬।୧୦(ଡି.ଏନ୍.ଏ.):** ପ୍ରାତଃଭ୍ରମଣ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଜଣେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଯାଜପୁର ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ ମୁଖ୍ୟ ସିକ୍ୟୁରିଟି ଗାର୍ଡ ବୁଧବାର ପ୍ରାତଃଭ୍ରମଣରେ କିଆନାଳି ମୁଖ୍ୟ କେନାଲ ବନ୍ଧରେ ଯାଉଥିବା ସମୟରେ ଜଣେ ଦୁର୍ବୃତ୍ତ ହଠାତ୍ ଏକ ଗଛ ନିକଟରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଅସ୍ତ୍ରକୁ ନିରାକାର ଦୁଇ ହାତରେ ଧରି ପକାଇବା ଫଳରେ ତାଙ୍କ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଯାଜପୁର ଥାନାରେ ଅଭିଯୋଗ ହେବାପରେ ଥାନା କେଶ ନଂ୩୦୪/୨୦୧୯ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇ ନ ଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

### ନଦୀପଠାରୁ ନମ୍ବର ବିହୀନ ବାଇକ୍ ଜବତ

**ଧର୍ମଶାଳା,୧୬।୧୦(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଭଗବାନପୁର ସେତୁ ନିକଟସ୍ଥ କେଲୁଅ ନଦୀ ପଠାରୁ ବୁଧବାର ପୋଲିସ ଏକ ନମ୍ବର ବିହୀନ ବାଇକ୍ ଜବତ କରିଛି। ତେବେ ନମ୍ବର ପ୍ଲେଟ ନ ଥିବାରୁ ତାହା ଚୋରା ବାଇକ୍ ହୋଇଥିବା ପୋଲିସ ସନ୍ଦେହ କରୁଛି। ନଦୀରେ ପାଣି କମିଯାଇଥିବା ବେଳେ ବାଇକଟି ନଦୀପଠାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପ୍ରକାଶ, ଯେ ମଙ୍ଗଳବାର ଏହି ନଦୀପଠାରୁ ଏକ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା।

### ବିଷ୍ଣୁ ମଲ୍ଲିକଙ୍କ ସ୍ମୃତିରେ ଶୋକସଭା

**ଯାଜପୁର ଟାଉନ,୧୬।୧୦(ଡି.ଏନ୍.ଏ.):** ଏସ୍‌ୟୁସିଆଇ(କମ୍ୟୁନିଷ୍ଟ), ଚିକଣା, ମଇଁଦା ଆଞ୍ଚଳିକ କମିଟିର ସଦସ୍ୟ ବିଷ୍ଣୁ ମଲ୍ଲିକଙ୍କ ସ୍ମୃତିରେ ବୁଧବାର ଅପରାହ୍ନରେ ଚିକଣା ଠାରେ ଦଳ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରକାଶଥାଉକି ଗତ ୭ତାରିଖରେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ଅବସ୍ଥାରେ ଗତ ୧୧ତାରିଖ ରାତିରେ ବିଷ୍ଣୁଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ବୁଧବାର ରାଜ୍ୟ କମିଟି ସଭ୍ୟା ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଦଳର ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରିୟ କମିଟିର ସଭ୍ୟ ଧୂର୍ଜଟି ଦାସ, ରାଜ୍ୟ କମିଟିର ସଭ୍ୟ ଜଗବନ୍ଧୁ ବରାଳ, ରାଜ୍ୟ କମିଟିର ସଭ୍ୟା ଛବି ମହାନ୍ତି, ସୁରେନ୍ଦ୍ର ମଲ୍ଲିକ, କ୍ଷିରୋଦ କର, ତରଙ୍ଗିନୀ ଦାସ , ବିଜୟ ସାମଲ, ଗୟାଧର ଯେନା , ପ୍ରଫୁଲ୍ଲ ସାମଲ ଏବଂ ମଥୁରୀ ଚରଣ ମଲ୍ଲିକ , ଉତ୍ତମ ସାମଲ ପ୍ରମୁଖ ଯୋଗ ଦେଇ ବିଷ୍ଣୁଙ୍କ ସ୍ମୃତି ଚାରଣ କରିଥିଲେ।

## ଓଜନ ମାପରେ ବ୍ୟାପକ ଠକେଇ

# ତଦନ୍ତ ନିର୍ଦ୍ଦେଶ ଦେଲେ ଡେପୁଟି କଣ୍ଟ୍ରୋଲର

**ଯାଜପୁର ଅଫିସ,୧୬।୧୦**

ଯାଜପୁର ଜିଲା ଚଣ୍ଡିଖୋଲ ଛକ ଓ ଏହାର ଆଖପାଖ ଅଞ୍ଚଳରେ ମାପ ଓ ଓଜନରେ ବ୍ୟାପକ ଠକେଇ ହେଉଛି। ମାଛ, ମାଂସ, କିରାନା ସାମଗ୍ରୀ, ପନିପରିବା ଓ ପେଟ୍ରୋଲ ଆଦି ଜିନିଷରେ ଭେଜାଲ ହେଉଥିବା ସହ ମାପ ଓ ଓଜନରେ ଅନିୟମିତତା ହେଉଥିବା ଭାରତୀୟ ଆଞ୍ଚଳିକ ଦୁର୍ନୀତି ନିବାରଣ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହି ମର୍ମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଲିଗାଲ ମେଟ୍ରୋଲୋଜି(ଲ୍‌ଏମ୍)ର ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ହୋଇଛି। ଯାଜପୁର ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଲିଗାଲ ମେଟ୍ରୋଲୋଜି (ଏସିଏଲ୍‌ଏମ୍)ଙ୍କୁ ୭ଦିନ ମଧ୍ୟରେ ଆବଶ୍ୟକ ତଦନ୍ତ କରି ସବିଶେଷ ରିପୋର୍ଟ ଦେବାକୁ ଏଲଏମ ଡେପୁଟି କଣ୍ଟ୍ରୋଲର ନିର୍ଦ୍ଦେଶ ଜାରି କରିଛନ୍ତି। ଏହାପରେ ଭେଜାଲ ଓ ମାପ ଓଜନରେ ଅନିୟମିତତା କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।

ଯାଜପୁର ଜିଲା ଚଣ୍ଡିଖୋଲ ସମେତ ଆଭ୍ୟନ୍ତରୀଣ କବାଟବନ୍ଧ ଅଞ୍ଚଳରେ ବିଭିନ୍ନ ସାମଗ୍ରୀର ଭେଜାଲ ହେଉଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ସେଠାକାର କେତେକ ପ୍ରଭାବଶାଳୀ ବ୍ୟବସାୟୀ ସୋରିଷ ତେଲ ନାମରେ ନକଲି ତେଲ ବିକ୍ରି କରୁଛନ୍ତି। ଏନେଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପଚାରିଲେ ନାଲି ଆଖି ଦେଖାଇ ପୋଲିସର ଧମକ୍ ଦେଉଛନ୍ତି। ଏପରିକି ପେଟ୍ରୋଲ, ଡିଜେଲ, ପୋଡ଼ା ମୋବିଲ ଆଦିକୁ ଖାଇବା ତେଲ ସହିତ ମିଶ୍ରଣ କରାଇ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି ବୋଲି ସଂଗଠନ ପକ୍ଷରୁ ଦର୍ଶାଯାଇଛି। ଅନ୍ୟପକ୍ଷେ ଏକ କିଲୋଗ୍ରାମ ମାଂସରେ ଶହେରୁ ଦୁଇଶହ ଗ୍ରାମ କମ୍ ହେଉଥିବା ଜଣାପଡୁଛି। ଏପରି କି ଚଣ୍ଡିଖୋଲ ଛକ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପଗୁଡିକରେ ଅପମିଶ୍ରିତ ତେଲ ବିକ୍ରୀ ହେଉଛି। ସେହିପରି ପରିବା ମାର୍କେଟରେ ବ୍ୟବହୃତ ହେଉଥିବା ଓଜନ ମେସିନଗୁଡିକର ଦୀର୍ଘଦିନ ହେଲା ନବୀକରଣ ହେଉନାହିଁ। ଏପରିକି ପେଟ୍ରୋଲ ପମ୍ପ ହେଉଥିବା ଅନୀତି ଓ ଦୁର୍ନୀତିକୁ ବିଭାଗୀୟ ଅଧିକାରୀମାନେ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ଯାଜପୁର

- ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ହୋଇଥିଲା ଅଭିଯୋଗ

ଜିଲାରେ ପ୍ରାୟ ୮୫ଟି ପେଟ୍ରୋଲ ପମ୍ପ ଚାଲିଛି। ଏଥିରେ ଇଣ୍ଡିଆନ ଅଏଲ ନିଗମର ୪୫, ହିନ୍ଦୁସ୍ଥାନ ପେଟ୍ରୋଲିୟମର ୧୮, ଭାରତ ପେଟ୍ରୋଲିୟମର ୧୨ ଏବଂ ଅନ୍ୟାନ୍ୟ କମ୍ପାନୀ ଦ୍ୱାରା ପରିଚାଳିତ ୧୦ ପେଟ୍ରୋଲ ପମ୍ପ ରହିଛି। ୬ ନମ୍ବର ଜାତୀୟ ରାଜପଥର ଛଡିଆଠାରୁ ସଠିପୁର, କୁଆଖିଆଠାରୁ ବିଞ୍ଝାରପୁର, ବାଲିଚନ୍ଦ୍ରପୁରଠାରୁ କବାଟବନ୍ଧ, ସଠିପୁରଠାରୁ ଯାଜପୁର, ବରୁଆଁ ଠାରୁ ବରୀ, ପାଣିକୋଇଲି ଠାରୁ ୨୦ ନମ୍ବର ଜାତୀୟ ରାଜପଥର ରଗଡି, ଯାଜପୁରରୋଡ ଠାରୁ ଡବୁରୀ, କବାଟବନ୍ଧ ଠାରୁ ଟମକା ଆଦି ସ୍ଥାନରେ ଏହି ପେଟ୍ରୋଲ ପମ୍ପଗୁଡ଼ିକ ଚାଲିଛି। ପ୍ରତ୍ୟେକ ମାସରେ ଓଜନ ଓ ମାପ ବିଭାଗ ପକ୍ଷରୁ ତୈଳ ଓଜନ ପ୍ରକ୍ରିୟାକୁ ତନଖି କରିବାର ବିଧି ରହିଥିଲେ ହେଁ ତାହା ନିୟମିତ ଭାବେ ହେଉନାହିଁ। ଫଳରେ ପେଟ୍ରୋଲ ଓ ଡିଜେଲରେ ଓଜନ ବ୍ୟତୀତ ଅପମିଶ୍ରିତ ବ୍ୟାପକ ଭାବେ ଚାଲିଛି। ବିଶେଷକରି ପେଟ୍ରୋଲ ଦର ବୃଦ୍ଧି ସାଙ୍ଗକୁ ସେଥିରେ କିରୋସିନ ଅପମିଶ୍ରଣ ଯୋଗୁ ଗାଡ଼ି ମାଲିକମାନେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏହିସ୍ଥିତିରେ ମାଲିକମାନେ ଅଦିନରେ ଗାଡ଼ିଗୁଡ଼ିକୁ ମେକାନିକ ନିକଟକୁ ନେବାକୁ ବାଧ୍ୟ ହେଉଛନ୍ତି। ଅଥବା ଦରକାର ନ ଥିଲେ ବି ବିକ୍ରି କରି ଦେଉଛନ୍ତି। ତଥାପି ଏହି ବିଭାଗ ଏହାର ଟେର ନ ପାଇବା ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଉଛି। ଜିଲାରେ ନିୟମିତ ଭାବରେ ଭେଜାଲ ସାମଗ୍ରୀ କାରବାର, କମ୍ ଓଜନରେ ସାମଗ୍ରୀ ବିକ୍ରି, ପେଟ୍ରୋଲ ଟାଙ୍କିରେ ଇଲେକ୍ଟ୍ରୋନିକ୍ସ ମେଶିନ ଟ୍ୟାମ୍ପରିଂ, ପେଟ୍ରୋଲ ଡିଜେଲ ଅପମିଶ୍ରଣ ଆଦି ଚଞ୍ଚକତା ବିଭାଗୀୟ ଅଧିକାରୀଙ୍କ ଜାଣତରେ ହେଉଥିବା ଚର୍ଚ୍ଚା ହେଉଛି। ତେବେ ଏଲ୍‌ଏମ୍ ବିଭାଗର ଡେପୁଟି କେଣ୍ଟ୍ରୋଲରଙ୍କ ତଦନ୍ତ ନିର୍ଦ୍ଦେଶ ଏଠାରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି। ଡେପୁଟି କଣ୍ଟ୍ରୋଲର ତାଙ୍କ ପତ୍ରସଂଖ୍ୟା ୨୬୭୪/୩୧୦।୨୦୧୯ରେ ମାଛ, ମାଂସ, ଗ୍ରୋସରୀ, ପନିପରିବା ଓ ପେଟ୍ରୋଲ ପମ୍ପରେ ଓଜନ ଓ ମାପ କ୍ଷେତ୍ରରେ ଠକେଇ ହେଉଥିବା ଅଭିଯୋଗ ସଂକ୍ରାନ୍ତରେ ଯାଜପୁର ଜିଲା ଏସିଏଲ୍‌ଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିବା ଦର୍ଶାଯାଇଛି।

### ରୋଜ୍ ଭ୍ୟାଲିର କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ

**ଯାଜପୁର ଟାଉନ, ୧୬।୧୦(ଡି.ଏନ୍.ଏ.)**

ରୋଜଭ୍ୟାଲି ସଂସ୍ଥାରେ ଅର୍ଥ ଲଗାଇଥିବା କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେଉଁ କ୍ଷୁଦ୍ର ଜମାକାରୀ ୧୦ହଜାର ଟଙ୍କା ମଧ୍ୟରେ ଜମା ରଖିଥିବେ ସେମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟସରକାର ଚଳିତ ମାସ ୩୧ ତାରିଖ ସୁଦ୍ଧା ରୋଜଭ୍ୟାଲି କ୍ଷୁଦ୍ର ଜମାକାରୀ ଅର୍ଥକୁ ଫେରସ୍ତ କରିବା ପାଇଁ ସମୟସୀମା ଧାର୍ଯ୍ୟ କରିଥିବାବେଳେ ତହସିଲଦାରଙ୍କୁ ତୁରନ୍ତ ତଦନ୍ତ କରି ଜମାକାରୀଙ୍କ ନାମ ଜିଲା କାର୍ଯ୍ୟାଳୟରେ ପ୍ରଦାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରୋଜଭ୍ୟାଲି ସଂସ୍ଥାରେ ଯେଉଁ ଜମାକାରୀମାନେ ସେମାନଙ୍କ କାଗଜପତ୍ର ଦାଖଲ କରିପାରି ନାହାନ୍ତି ସେମାନେ ସମ୍ପୃକ୍ତ ତହସିଲଦାରଙ୍କ ମାଧ୍ୟମରେ ସେମାନଙ୍କ ତଥ୍ୟ ଓ ପ୍ରମାଣ ସହ ପ୍ରଦାନ କରିବା ପାଇଁ ସୂଚନା ଦିଆଯାଇଛି।

## ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ହାତଧୁଆ ଦିବସ

**ଯାଜପୁର ଅଫିସ,୧୬।୧୦**

ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ଼ ଆନୁକୂଲ୍ୟରେ ମଙ୍ଗଳବାର ଧନେଶ୍ୱର ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଡାକ୍ତର ହେମନ୍ତ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ହାତଧୁଆ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ନୃସିଂହ ଚରଣ ପରିଡ଼ା ଏଇ ଦିବସର ଗୁରୁ ଓ ଏଥିରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. ପ୍ରସନ୍ନକୁମାର ସାହୁ ଘରେ ସହଜରେ, ସୁବିଧାରେ ଓ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେଉଥିବା ସାଧାରଣ ହାତଧୁଆ ସାବୁନରେ କିପରି ହାତ ଧୋଇ ରୋଗ ସଂକ୍ରମଣକୁ ପ୍ରତିରୋଧ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସଂଘ ସଂପାଦକ ଗୌରୀଶଙ୍କର ଷଡ଼ଙ୍ଗୀ, ପ୍ରାକ୍ତନ ଅଧ୍ୟାପକ ଏବଂ ସ୍ଥାନୀୟ ବାସିନ୍ଦା ଦେବେନ୍ଦ୍ର ପାଣିଗ୍ରାହୀ ମଧ୍ୟ ପିଲାମାନଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ମହାନ୍ତି ପ୍ରଥମ, ସତ୍ୟବ୍ରତ ମହାନ୍ତି ଦ୍ୱିତୀୟ ଓ ଆଶୁତୋଷ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ରୁପାଲୀ ରାଉତ, ଅଭିନନ୍ଦିତା ଶତପଥୀ ଓ ପ୍ରଜ୍ଞାପାରମିତା କରଙ୍କୁ ସାନ୍ତ୍ୱନାମୂଳକ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ବିମ୍ବାଧର ଜେନା, କେଶବ ଚରଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।




ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ନିମନ୍ତେ ହେବ ବିଭିନ୍ନ ପ୍ରତିଯୋଗିତା

**ଯାଜପୁର ଟାଉନ, ୧୬।୧୦(ଡି.ଏନ୍.ଏ.)**

ଦୁର୍ନୀତିନିବାରଣ ସପ୍ତାହ ପାଳନ ଅବସରରେ ୮ମ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ, ଇଂଲିଶି ଓ ହିନ୍ଦୀରେ କାର୍ଟୁନ୍ ତଥା ସ୍ଲୋଗାନ ପ୍ରତିଯୋଗିତା ମଧ୍ୟ କରାଯିବ। ଚଳିତ ମାସ ୨୬ ତାରିଖ ସୁଦ୍ଧା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ, ଭିଜିଲାନ୍ସ ସେଲ୍, ୟୁନିଟ୍ ଏ-୧ ବିଜେପି ନଗର ଭୁବନେଶ୍ୱରକୁ ଛାତ୍ରଛାତ୍ରୀମାନେ ଏହି ସବୁ ସ୍ଲୋଗାନ ଗୁଡିକ ପଠାଇବେ। ଏପରି କି ୨୫ ତାରିଖ ସୁଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଯାଜପୁର କିମ୍ବା ଭିଜିଲାନ୍ସ ଡିଏସ୍‌ପି କାର୍ଯ୍ୟାଳୟରେ ମଧ୍ୟ ଦାଖଲ କରିପାରିବେ। ସେହିପରି ସିନିୟର ଓ ଜୁନିୟର ବିଭାଗ ପାଇଁ ଓଡ଼ିଆ ଓ ଇଂଲିଶି ବିଭାଗ ପାଇଁ ବକ୍ତୃତା ଯାଜପୁର ଜିଲ୍ଲା ସ୍କୁଲଠାରେ ଅକ୍ଟୋବର ୨୬ ତାରିଖ ଅନୁଷ୍ଠିତ ହେବ। ଉଭୟ ବର୍ଗ ପାଇଁ ଚଳିତ ବର୍ଷର ବିଷୟବସ୍ତୁ "ସଚ୍ଚୋଟତା ଏକ ଜୀବନ ଶୈଳୀ" , "ଇଣ୍ଟିଗ୍ରିଟି ୱେ ଅଫ୍ ଲାଇଫ୍ " ରଖାଯାଇଛି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଚଳିତ ମାସ ୨୫ତାରିଖ ସୁଦ୍ଧା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଜଣେ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ପଠାଇବା ପାଇଁ ସୂଚନା ଦିଆଯାଇଛି। କୌଣସି ପରିସ୍ଥିତିରେ ପ୍ରତିଯୋଗିତା ସ୍ଥଳରେ ନାମ ଗ୍ରହଣ କରାଯିବ ନାହିଁ। ଆସନ୍ତା ୨୯ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅପରାହ୍ନ ୪ଘଟିକାରେ ଅନୁଷ୍ଠିତ ହେବ ବୋଲି ଜିଲା କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ମାସୁମ୍ ଗ୍ରୁପ୍ ପକ୍ଷରୁ ସଭିଏଁ ପଢ଼ନ୍ତୁ, ବଢ଼ନ୍ତୁ ଅଭିଯାନ

**ରସୁଲପୁର,୧୬।୧୦(ଡି.ଏନ୍.ଏ.)**

ଯାଜପୁର ଜିଲାରେ ଅବହେଳିତ ନାବାଳିକାବାଳକଙ୍କୁ ମୌଳିକ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ କାମ କରୁଥିବା ମାସୁମ୍ ଗ୍ରୁପ ପକ୍ଷରୁ ପିଲାଙ୍କୁ ବିଦ୍ୟାଳୟକୁ ଯିବା ଅଭିଯାନ ଆରମ୍ଭ ହୋଇଛି। କୋମଳମତି ଶିଶୁଙ୍କୁ କଠିନ କାର୍ଯ୍ୟରୁ ନିବୃତ୍ତ କରାଯାଇ ଏଥିରେ ସାମିଲ କରିବାକୁ ସଂଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରୁପ୍ ନିର୍ଦ୍ଦେଶକ ମଣ୍ଟୁ ଦାସଙ୍କ ନେତୃତ୍ୱରେ ଉଇଆର-ୱାନର ସଭାପତି ଜଟାଧାରୀ ମହାଳିକ, ସୋସିଆଲ ଚେଞ୍ଜରର ସମ୍ପାଦକ ରାକେଶ ଦାସ ପ୍ରମୁଖ ବୁଧବାର ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ସାରଙ୍ଗପୁର ମେଲଣ ପଡ଼ିଆର ପହଞ୍ଚିଥିଲେ। ଉକ୍ତ ପଡ଼ିଆରେ ୧୦ରୁ ଊର୍ଦ୍ଧ୍ୱ ପରିବାର ବାହାର ଜିଲାରୁ ଆସି ଏଠାରେ ୨୦ବର୍ଷରୁ ଊର୍ଦ୍ଧ୍ୱକାଳ ବସବାସ କରିଆସୁଛନ୍ତି। ସେମାନଙ୍କ ପିଲାମାନେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ନାବଳିକାବାଳକମାନେ ବିଦ୍ୟାଳୟକୁ ନ ଯାଇ ବିଭିନ୍ନ ସ୍ଥାନରେ ବୁଲି ଭିକ୍ଷାବୃତ୍ତି କରିବା, ଜରି ଗୋଟାଇବା, ଦୋକାନ ବାଜରରେ ଚାକର କାର୍ଯ୍ୟରେ ନିୟୋଜିତ ହେଉଥିବା ଭଳି ଘଟଣା ନଜରକୁ ଆସିଥିଲା। ଏଭଳି କାର୍ଯ୍ୟରୁ ପିଲାମାନଙ୍କୁ ନିବୃତ୍ତ ରଖିବା ପାଇଁ ପରିବାରର ମୁରବୀଙ୍କୁ ବୁଝାଇଥିଲେ। ସେମାନଙ୍କୁ ମୌଳିକ ଅଧିକାର ଦିଗରେ ସୁନିଶ୍ଚିତ କରିବା ସହ ପାଠପଢିବା ପାଇଁ ଦୈନିକ ବିଦ୍ୟାଳୟକୁ ଯିବା ପାଇଁ ପ୍ରବର୍ତ୍ତାଇ ଥିଲେ।

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ମୋ ସରକାର' ପ୍ରଭାବଶୂନ୍ୟ

**ରସୁଲପୁର,୧୬।୧୦(ଡି.ଏନ୍.ଏ.)**

୫-ଟି ସଚିବସ୍ତରୀୟ ଏକ ଦଳ ନିକଟରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଡାକ୍ତରଖାନାର ବିଭିନ୍ନ ସ୍ଥିତିକୁ ସମୀକ୍ଷାକରି ସନ୍ତୋଷବ୍ୟକ୍ତ ମଧ୍ୟ କରିଛନ୍ତି। ହେଲେ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ସ୍ଥିତିକୁ ପରଖିବାକୁ ଭୁଲି ଯାଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗାଁ ଗଣ୍ଡାର ଡାକ୍ତରଖାନାଗୁଡିକର ଅବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଚାଲୁଛି। ସେଠାରେ ସରକାରୀ ନିୟମ କାନୁନ୍, ମୋ ସରକାର ଯୋଜନା ଠିକ୍ ଭାବରେ ପାଳନ କରାଯାଉ ନାହିଁ। କେବଳ ଅଧିକାରୀମାନେ ସେମାନଙ୍କ ଗସ୍ତ ସମୟରେ ପରିଦର୍ଶନକୁ ଜିଲାସ୍ତରରେ ସୀମିତ ନ ରଖି ଗ୍ରାମାଞ୍ଚଳ ଡାକ୍ତରଖାନାର ସ୍ଥିତିକୁ ପରଖିଲେ ସ୍ୱାସ୍ଥ୍ୟସେବାର ବାସ୍ତବଚିତ୍ର ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବିଶେଷକରି ଜିଲାର ରସୁଲପୁର ବ୍ଲକ ଅଧିନସ୍ଥ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦାହରଣ ଭାବରେ ନିଆଯାଇ ପାରେ। ଏଠାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି ବୋଲି କହିଲେ ଭୁଲ ହେବନାହିଁ। ଏ ଦିଗରେ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ବର୍ଷବର୍ଷ ଧରି ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥାରେ ସୁଧାର ଆସିପାରୁ ନାହିଁ। ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଯାହାଫଳରେ ମୋ ସରକାର ଯୋଜନା କାର୍ଯ୍ୟକାରୀ ହେବାକୁ ୧୫ ଦିନ ବିତି ଯାଇଥିଲେ ବି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତିକୁ ପ୍ରଭାବିତ କରିପାରୁ ନାହିଁ। ଏନେଇ ଯାଜପୁର ଜିଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ଅରୁଣ କୁମାର ପାତ୍ରଙ୍କ ମତ ନେବାରୁ ସେ ମାତ୍ର ୨ମାସ ହେବ ଦାୟିତ୍ୱରେ ଅଛନ୍ତି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକ ତ୍ରୁଟିବିଚ୍ୟୁତି ରହିଛି। ସେ ଏସମ୍ପର୍କରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ସେ ନିଜେ ଡାକ୍ତରଖାନାକୁ ଆସି ପରିଦର୍ଶନ କରିବା ପରେ ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ଅବଗତ ହେବା ପରେ ଯାହାକିଛି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ ଦିବ୍ୟାଙ୍ଗଙ୍କ ସହ ପାଳିଲେ ମୁଖ୍ୟ ସଚେତକ

**ବିଞ୍ଝାରପୁର,୧୬।୧୦(ଡି.ଏନ୍.ଏ)**

ଚଳିତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିନକୁ ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳର ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏକ ନିଆରା ଢଙ୍ଗରେ ପାଳନ କରିଥିବା ଜଣାପଡିଛି। ବୁଧବାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତସ୍ଥିତ ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟରେ ସକାଳୁ ସକାଳୁ ବିଧାୟିକା ମଲ୍ଲିକ ପହଞ୍ଚି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହିତ ସମୟ ଅତିବାହିତ କରିବା ସହିତ ସେମାନଙ୍କ ସହ ସକାଳ ଜଳଖିଆରେ ସାମିଲ ହୋଇଥିଲେ। ବିଧାୟିକା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଭଲମନ୍ଦ ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରୁ ପଚାରି ବୁଝିଥିଲେ। ସମାଜରେ ଦିବ୍ୟାଙ୍ଗଙ୍କ ପ୍ରତି ଥିବା ସରକାରୀ ଯୋଜନାଗୁଡିକୁ ଠିକ୍ ଭାବେ ପରିଚାଳନା କରିବା ଦିଗରେ ବିଧାୟିକା ମଲ୍ଲିକ ଗୁରୁତ୍ୱାରୋପ କରିବା ସହିତ ବିଞ୍ଝାରପୁର ବ୍ଲକରେ ଥିବା ବିଭିନ୍ନ ଭିନ୍ନକ୍ଷମ ଓ ଅନାଥ ଆଶ୍ରମଗୁଡିକର ଭିତ୍ତିଭୂମୀ ବିକାଶ ଦିଗରେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରମିଳାଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଦୀଳିପ ରାଉଳ, ରଞ୍ଜନ ଜେନା, ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ର, ଅମର ବଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।



ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ବିଧାୟିକା ପ୍ରମିଳା ମଲ୍ଲିକ।

## କୁକୁଡ଼ାଚାଷ ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ

# କୁକୁଡ଼ା ଫାର୍ମ ପରିଦର୍ଶନ କଲେ ମହିଳା

**ରସୁଲପୁର,୧୬।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସହକାରୀ କୃଷି କାର୍ଯ୍ୟାଳୟ ପରିସରରେ ରସୁଲପୁର ଓ କୋରେଇ ବ୍ଲକର ୧୪ଟି ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କୁ ନେଇ ଅଣ୍ଡା ଦିଆ କୁକୁଡ଼ା ଚାଷ ସମ୍ପର୍କିତ ୨ଦିନିଆ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଗୋଷ୍ଠୀର ମହିଳାଙ୍କୁ ସମ୍ବଳ ଅଧିକାରୀମାନେ ଚାଷ ସମ୍ପର୍କରେ ବୁଝାଇ କହିବା ସହ ଏଦିଗରେ ସରକାରୀ ଓ ବିଭାଗୀୟ ସହାୟତା ସମ୍ପର୍କରେ ବୁଝାଇ କହିଥିଲେ। ଦ୍ୱିତୀୟ ଦିବସରରେ ମହିଳାଙ୍କୁ ଜିଲାର ବରୀ ବ୍ଲକସ୍ଥିତ କୁକୁଡ଼ା ଫାର୍ମକୁ ପରିଦର୍ଶନ କରାଯାଇଥିଲା। ଏହି ବ୍ଲକର ବାଲିଆ ଅଞ୍ଚଳରେ ଥିବା ଲେୟାର ଫାର୍ମ ଓ ବେଣିପୁର ଅଞ୍ଚଳରେ ଥିବା ବଏଲର ଫାର୍ମ ବୁଲି ପରିଦର୍ଶନ କରିଥିଲେ। ଏହି ସବୁ ସ୍ଥାନରେ ଡିପ ଲିଟର ମାଧ୍ୟମରେ କିଭଳି କୁକୁଡ଼ା ଚାଷ କରାଯାଉଛି ସେ ସଂପର୍କରେ ଚାଷୀଙ୍କ ସହ ଆଲୋଚନା କରାଯାଇଥିଲା।



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କୁକୁଡ଼ା ଫାର୍ମ ପରିଦର୍ଶନ କରୁଛନ୍ତି।

### ଚାଷ ସମ୍ପର୍କରେ ଜ୍ଞାନ ସଂଗ୍ରହ କଲେ

ମହିଳାମାନେ କୁକୁଡା ଛୁଆର ଯତ୍ନ ନେବା, ଭାଡିକୁ ସଫାସୁତରା ରଖିବା, କରତଗୁଣ୍ଡକୁ ସପ୍ତାହରେ ୨ଥର ଖେଳାଇବା, ଚିଆଁ ଛୁଆକୁ ପୋଷଣ ଯୋଗାଇବା ଭଳି ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ। ଫାର୍ମରୁ ବାହରୁଥିବା ଦୁର୍ଗନ୍ଧକୁ କିଭଳି ଦୂର କରାଯାଇ ପାରିବ ଚାଷୀମାନେ ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁନାକର ସାମଲ, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀ, ବରୀ ବ୍ଲକ ଅତିରିକ୍ତ ପଶୁ ଚିକିତ୍ସକ ଭକ୍ତ ଚରଣ ସେଠୀ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଭାଡ଼ିକୁ ପରିଷ୍କାର କରିବା ପାଇଁ ଫର୍ମାଲିନ ଓ ଚୁନ ଆଦି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା କୁକୁଡ଼ା ଚିଆଁର ବ୍ରୁଡିଙ୍ଗ ଓ ବ୍ରୁଇଙ୍ଗ ସମୟରେ କିଭଳି ଯତ୍ନ ନିଆଯିବ, ବ୍ରୁଡିଙ୍ଗ ବେଳେ ଚିଆଁଗୁଡିକୁ କିଭଳି ଉଷୁମ କରାଯିବ ଓ ସେ ଦିଗରେ କିଭଳି ଆଲୋକ ବ୍ୟବସ୍ଥା କରାଯିବ ସେ ଦିଗରେ ବୁଝାଇ କହିଥିଲେ। ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୪ଟି ଗୋଷ୍ଠୀରୁ ୨୮ଜଣ ସଭାପତି ସଂପାଦ ଯୋଗଦେଇଥିଲେ।



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଖାଲ , ବଢୁଛି ଦୁର୍ଘଟଣା



କୋରେଇ,୧୬।୧୦(ସ୍ୱ.ପ୍ର.)- ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ରାସ୍ତା ଶୋଚନୀୟ ହେବାରେ ଲାଗିଛି । ଏହି ଠାରୁ ଯାଜପୁର ସହରକୁ ରାସ୍ତା ଆରମ୍ଭ ହୋଇଛି। ଏହି ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଛୋଟବଡ଼ ଖାଲଖମା ସୃଷ୍ଟିହୋଇ ମରଣଯନ୍ତା ପାଲଟିଛି। ସେହିପରି ଓଭର ବ୍ରିଜର ସର୍ଭିସ ରାସ୍ତାର ଅବସ୍ଥା ମଧ୍ୟ ସମପୂର ହୋଇଛି। ଫଳରେ ରାସ୍ତାରେ ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ନଜର ପଡୁନି। ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଏହି ରାସ୍ତା ଦେଇଯାଉଛନ୍ତି। ଅପରପକ୍ଷେ ବହୁ ତୀର୍ଥଯାତ୍ରୀ ମା' ବିରଜାଙ୍କ ଦର୍ଶନ କରିବାକୁ ଆସିବାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ହେଲେ ଏଥିପ୍ରତି କାହାର ନଜର ନ ପଡିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସଷ୍ଟି କରିଛି। ତୁରନ୍ତ ରାସ୍ତାର ମରାମତି କରା ନ ଗଲେ ଆଗାମୀ ଦିନରେ 'ସହଯୋଗ' ସ୍ୱେଚ୍ଛାସେବୀ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ।

### ଡିଜିଟାଇଜେଶନ ହେବ ବିଧାନସଭା ବିବରଣୀ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ) ବିଧାନସଭାର ସମସ୍ତ ବିବରଣୀ ଡିଜିଟାଇଜ୍ କରାଯିବ। ବିଧାୟକମାନଙ୍କ ଅବଗତି ନିମନ୍ତେ ସେଗୁଡିକୁ ସେମାନଙ୍କ ନିକଟକୁ ପ୍ରେରଣ କରାଯିବ। ଗୃହର ବିବରଣୀକୁ ଏନଇଭିଏ ପୋର୍ଟାଲରେ ଅପଲୋଡ୍ କରାଯିବ। ଏଥିପାଇଁ ବିଧାନସଭାର କର୍ମଚାରୀମାନଙ୍କୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ)ରେ ତାଲିମ ପ୍ରଦାନ କରାଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ବୁଧବାର ବିଧାନସଭା ପରିସରରେ ଗୃହ ବିବରଣୀ ଡିଜିଟାଇଜେଶନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଧାନସଭା ଗୃହ ଓ ପରିସରକୁ ସମ୍ପୂର୍ଣ୍ଣ ୱାଇଫାଇ କରିବା, ଉତ୍ତରଦାୟିତ୍ୱ, ପାରଦର୍ଶିତା ଓ ଫଳପ୍ରଦ ପ୍ରଶାସନ ପାଇଁ ବିଧାନସଭା କାର୍ଯ୍ୟରେ ଓସ୍ୱାସ (ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ) ସଫ୍ଟୱେୟାର ପ୍ରଚଳନ ଏବଂ ଗୃହ ବିବରଣୀକୁ ଡିଜିଟାଇଜେଶନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ସମେତ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଏମ୍.କେ. ପଟ୍ଟନାୟକ, ଏନ୍‌ଆଇସିର ଉପମହାନିର୍ଦ୍ଦେଶିକା ପ୍ରତିଭା ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ବେଆଇନ ପିଚୁ ପ୍ଲାଣ୍ଟ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍

- ଦୁଇଟି ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ
- ୨୦୧୭ରୁ ନିଆଯାଉଛି ପଦକ୍ଷେପ, ଫଳ ଶୂନ
- ଏଥରର ପଦକ୍ଷେପ ଉପରେ ବି ସନ୍ଦୀହାନ



ଯାଜପୁର ଅଫିସ,୧୬।୧୦

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନରେ ଥିବା ୫ଟି ବେଆଇନ ପିଚୁ ପ୍ଲାଣ୍ଟକୁ ବନ୍ଦ କରିବାକୁ ଯାଜପୁର ଜିଲାପାଳ ଦୁଇଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଛନ୍ତି। ଏହାକୁ ଧର୍ମଶାଳା ତହସିଲଦାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପରିଚାଳନା କରିବେ। ବେଆଇନ ପିଚୁ ପ୍ଲାଣ୍ଟଗୁଡିକର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଓ ମେଶିନାରୀ ସାମଗ୍ରୀ ଜବତ କରିବା ସହ ବନ୍ଦ କରିବାକୁ ଏହି ସ୍ୱତନ୍ତ୍ର ସ୍କ୍ୱାର୍ଡ କାର୍ଯ୍ୟ କରିବ। ବେଆଇନ ପିଚୁ ପ୍ଲାଣ୍ଟଗୁଡ଼ିକର ବନ୍ଦ ଅଗ୍ରଗତି ରିପୋର୍ଟ ଥରକୁ ଥର ଜଣାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲା ଅନ୍ତର୍ଗତ ଧର୍ମଶାଳା ବ୍ଲକ ତରଙ୍ଗିଆ ପଞ୍ଚାୟତ ଅଞ୍ଚଳର ରଥିଆ, ସାରୋଇ, ମାଣ୍ଡିଆ, ବାଲିସାହି ଆଦି ସ୍ଥାନରେ ବିନା ପରିବେଶ ମଞ୍ଜୁରିରେ ଦୀର୍ଘଦିନ ହେଲା ପିଚୁ ପ୍ଲାଣ୍ଟ ଚାଲି ଆସୁଛି । ପୂର୍ବରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ଏସ୍‌ପିସିବି ଆଞ୍ଚଳିକ କାର୍ଯ୍ୟାଳୟରୁ ବନ୍ଦ ନୋଟିସ ଦେବା ପରେ ବି ପିଚୁ ପ୍ଲାଣ୍ଟ ମାଲିକ ଖାତିର କରୁନାହାନ୍ତି। ଦିନ ଦ୍ୱିପହରରେ ପିଚୁ ଉତ୍ପାଦନ ଜାରି ରହିଛି। ଏହାପରେ ବି ଏସ୍‌ପିସିବି ଓ ଜିଲା ପ୍ରଶାସନ ନୀରବ ରହି ଆସୁଥିଲା। ଏସଂକ୍ରାନ୍ତରେ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ଚେତା ପଶିଛି। ଏହିସବୁ ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ-୧ରେ ଏସ୍‌ପିସିବିର ପରିବେଶ ଯନ୍ତ୍ରୀ ମଦନମୋହନ ସାହୁ, ଡଙ୍କାରୀ ରାଜସ୍ୱ ନୀରିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ, ଧର୍ମଶାଳା ତହସିଲ ଅମିନ ହିତେଶ ସାମଲ, ଧର୍ମଶାଳା ତହସିଲ ପିଅନ ମଦନମୋହନ ବାରିକ, ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଳ ଅଗ୍ରୱାଲ ରହିଥିବାବେଳେ ତହସିଲଦାର ସରୋଜ କୁମାର ପଣ୍ଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଛନ୍ତି। ସେହିପରି ୨ ନମ୍ବର ସ୍କ୍ୱାର୍ଡରେ ଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଆରୁହାର ସହକାରୀ ରାଜସ୍ୱ ନୀରିକ୍ଷକ ଜଗବନ୍ଧୁ ଜେନା, ଧର୍ମଶାଳା ତହସିଲ ଅମିନ ମାନସ କୁମାର ବେଜ, ଅଭିମନ୍ୟୁ ବାରିକ, ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କୁ ସାମିଲ କରାଯାଇଥିବାବେଳେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଛନ୍ତି । ତେବେ ବେଆଇନ ପିଚୁ ପ୍ଲାଣ୍ଟଗୁଡିକୁ ଚଢ଼ାଉ କରାଯାଇ କେବେ ବନ୍ଦ କରାଯିବ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇନାହିଁ। ଜିଲାପାଳ ରଞ୍ଜନ କୁମାର ଦାସ ଧର୍ମଶାଳା ତହସିଲଦାର ଓ ଏସପିସିବିର ଆଞ୍ଚଳିକ ଅଧିକାରୀଙ୍କୁ ଚଢାଉ ତାରିଖ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପିସିବି ପତ୍ରସଂଖ୍ୟା ୧୬୬୨/୫।୯।୨୦୧୯ ଓ ୩୨୫/୧୨।୨।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ବେଆଇନ ଭାବେ ଚାଲିଥିବା ପିଚୁ ପ୍ଲାଣ୍ଟଗୁଡିକୁ ବନ୍ଦ କରିବାକୁ ସୂଚିତ କରାଯାଇଥିଲା। ଏସ୍‌ପିସିବି ପତ୍ରର ପ୍ରାୟ ୪୦ଦିନ ପରେ ଜିଲାପାଳଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ସ୍କ୍ୱାର୍ଡ ଗଠନ କରାଯାଇଛି। ଜାତୀୟ ରାଜପଥ ଓ ଜନବସତି ଅଞ୍ଚଳରେ କେତେକ ପ୍ରଭାବଶାଳୀ ଲୋକ ପିଚୁ ପ୍ଲାଣ୍ଟ ସ୍ଥାପନ କରି ପରିବେଶଗତ ସମସ୍ୟାକୁ ଦ୍ୱିଗୁଣିତ କରୁଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ୨୦୧୭ ନଭେମ୍ବର ମାସରୁ ଏହି ବେଆଇନ ପିଚୁ ପ୍ଲାଣ୍ଟଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ଆସୁଛି। କିନ୍ତୁ କୌଣସି ଆଖିଦୃଶିଆ ପଦକ୍ଷେପ ଏଯାଏ ନିଆଯାଇ ପାରିନାହିଁ। ଏଭଳିସ୍ଥିତିରେ ଏବେ ଗଠିତ ସ୍କ୍ୱାର୍ଡ ପିଚୁ ପ୍ଲାଣ୍ଟ ବନ୍ଦ କରିବାରେ ସକ୍ଷମ ହୋଇ ପାରିବ କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବେଆଇନ ପିଚୁ ପ୍ଲାଣ୍ଟଗୁଡ଼ିକ ଚଳାଇବାରେ କେତେକ ପ୍ରଭାବଶାଳୀ ରାଜନେତାଙ୍କ ହାତ ରହିଥିବା କୁହାଯାଉଛି। ଏସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ପିଚୁ ପ୍ଲାଣ୍ଟଗୁଡିକୁ ବନ୍ଦ କରିବାକୁ ଜିଲାପାଳଙ୍କୁ ସୂଚିତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ସୀମାନ୍ତରେ ଦୁଇଦିନରେ ୨ ମାଓବାଦୀଙ୍କ ମୃତ୍ୟୁ

## ଅସ୍ତ୍ରଶସ୍ତ୍ର ଜବତ, ସୁରକ୍ଷା ବ୍ୟବସ୍ଥା କଡାକଡି

ମାଲକାନଗିରି,୧୬।୧୦ (ଡି.ଏନ୍.ଏ.) ମାଲକାନଗିରି ଜିଲା ସୀମାନ୍ତରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଗତ ଦୁଇଦିନ ମଧ୍ୟରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଛତିଶଗଡର ତୁଳସୀ ପାହାଡ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଦରଭା ଡିଭିଜନର ଜଣେ ହାଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ମଧ୍ୟ ଦାନ୍ତେୱାଡା ଜିଲା ଜାଗୁରକୋଣ୍ଡାଠାରେ ସିଆରପିଏଫ ପକ୍ଷରୁ କୋମ୍ବିଂ ଅପରେଶନ ସମୟରେ ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରୁ ପୋଲିସ ବିପୁଳ ପରିମାଣରେ ବିସ୍ଫୋରକ ଏବଂ ବନ୍ଧୁକ ଜବତ କରିଛି। ୧୯୪୭ ରେ ଚାଇନାର ନବାଦବାଦି କ୍ରାନ୍ତିର ସ୍ମୃତିଚାରଣ ନେଇ ଏନେଇ ଆଗକୁ ହେବାକୁ ଥିବା ପୂର୍ତ୍ତି ଉତ୍ସବକୁ ପାଳନ କରିବା ଲାଗି ମାଓବାଦୀଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଖବର ମିଳିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ମରାଯାଇଛି। ସେହିପରି ମାଥିଲି ଅଞ୍ଚଳର କମାରପାଲି, ମହୁପଦର, ଟେମ୍ଭୁରୁପାଲି ଆଦି ଅଞ୍ଚଳରେ ମାଓବାଦୀମାନେ ସେପ୍ଟେମ୍ବର ୨୧ରୁ ଦରଭା ମାଓବାଦୀ ଡିଭିଜନର ୧୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି।

# କର୍ମଚାରୀ ଅଭାବରୁ ଅଧାରେ ଅଟକୁଛି କାମ





**ଦର୍ପଣ ତହସିଲ**

ଚଣ୍ଡିଖୋଲ,୧୬।୧୦(ଡି.ଏନ୍.ଏ)

ଯାଜପୁର ଜିଲାର ଏକ ପ୍ରମୁଖ ତହସିଲ ଭାବେ ଦର୍ପଣ ତହସିଲ କାର୍ଯ୍ୟ କରୁଛି। ଏହା ଅଧିନରେ ୪୩ଗୋଟି ପଞ୍ଚାୟତ ରହିଛି। ଏହି ୪୩ଟି ପଞ୍ଚାୟତକୁ ୧୭ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିଚାଳନା କରୁଥିବାବେଳେ କର୍ମଚାରୀ ଅଭାବ ଯୋଗୁ ବ୍ୟାପକ ଅବ୍ୟବସ୍ଥା ତହସିଲରେ ଦେଖା ଦେଇଛି। ଏଠାରେ ତହସିଲଦାରଙ୍କ ବଦଳି ପରେ ନୂତନ ତହସିଲଦାର ନିଯୁକ୍ତି ହୋଇପାରି ନାହାନ୍ତି। ମାତ୍ର ଦୁଇଜଣ ଅତିରିକ୍ତ ତହସିଲଦାର କାର୍ଯ୍ୟ ଚଳାଉଛନ୍ତି। ଏହି ତହସିଲ୍‌ରେ ୧୭ଜଣ ରାଜସ୍ୱ ନିରୀକ୍ଷକଙ୍କ ଆବଶ୍ୟକ ରହିଥିବାବେଳେ ମାତ୍ର ୧୦ଜଣ ରାଜସ୍ୱ ନିରୀକ୍ଷକ ରହିଛନ୍ତି। ସେହିଭଳି ୧୫ ଗୋଟି ବଡ଼ ସର୍କଲରେ ୧୫ଜଣ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଆବଶ୍ୟକ ଥିବାବେଳେ ମାତ୍ର ୬ ଜଣ ରହିଥିବାରୁ ଜମିଜମା ସଂକ୍ରାନ୍ତୀୟ କାଗଜପତ୍ର ହୋଇପାରୁ ନାହିଁ। ସେହିଭଳି ୭ଜଣ କନିଷ୍ଠ କିରାଣୀଙ୍କ ସ୍ଥାନରେ ମାତ୍ର ୩ଜଣ କନିଷ୍ଠ କିରାଣୀ କାର୍ଯ୍ୟ କରୁଛନ୍ତି। ଏପରି କି ୪ଜଣ ଅମିନଙ୍କ ସ୍ଥାନରେ ଦୁଇ ଜଣ କାର୍ଯ୍ୟ କରୁଛନ୍ତି। ୫ ଜଣ ପିଅନଙ୍କ ବଦଳରେ ୨ ଜଣ ରହିଛନ୍ତି। କର୍ମଚାରୀଙ୍କ ଅଭାବ ପାଇଁ ବିଶେଷ କରି ଜମି ଦାଖଲ ଖାରଜ(ମ୍ୟୁଟେଶନ) କାମ ଅଧାରେ ଅଟକି ରହୁଛି। ବହୁ ସମୟରେ ରାଜସ୍ୱ ନିରୀକ୍ଷକମାନେ ବାହାରକୁ ଗଲାବେଳେ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଛାତ୍ରୀଛାତ୍ରଙ୍କ ପାଇଁ ଅବାଶ୍ୟକ ବାସସ୍ଥାନ, ଜାତିଗତ ଓ ଆୟ ପ୍ରମାଣପତ୍ର ସାର୍ଟିଫିକେଟ ପ୍ରଦାନରେ ବହୁ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି। ସରକାର ଏବେ ୫-ଟି ମନ୍ତ୍ର ସମସ୍ତ ସରକାରୀ ଅଫିସରେ କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହା ପାଳନ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦର୍ପଣ ତହସିଲ ଅଞ୍ଚଳରେ ବ୍ୟାପକ, ମୋରମ, ମାଙ୍କଡ଼ା, ବୋଲଡ଼ର, ପଥର ଓ ବାଲିଖାଦାନ ରହିଥିବାବେଳେ ଏଥିମଧ୍ୟରୁ ଗୋଟିଏ ବି ଲିଜ୍ ଦିଆଯାଇ ପାରି ନାହିଁ। ସେଥିପାଇଁ ବହୁ ସ୍ଥାନରେ ମାଙ୍କଡ଼ା ଖାଦାନ ବେଆଇନ ଭାବେ ଚାଲୁଛି। ମାଣ୍ଡୁକା, ଧାଉଡ଼ିଆପଦା, ଚଣ୍ଡିଆ ଓ ମଝିପଡ଼ା ପାହାଡ଼ରୁ ବେଆଇନ ଭାବେ ମୋରମ ଓ ବୋଲଡ଼ର ଖନନ କରି ଚୋରା ଚାଲାଣ କରାଯାଉଛି। କର୍ମଚାରୀ ଅଭାବରୁ ଏହି ସବୁ ସ୍ଥାନଗୁଡ଼ିକରେ ଚଢାଉ କରାଯାଇପାରୁ ନାହିଁ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରତ୍ନାକର ନାୟକଙ୍କୁ ପଚାରିବାରୁ ସେ କୁହନ୍ତି କର୍ମଚାରୀ ଅଭାବ ଯୋଗୁ ବ୍ୟାପକ ସମସ୍ୟା ଦେଖାଦେଇଛି। କର୍ମଚାରୀ ନ ଥିବାରୁ କାର୍ଯ୍ୟ କରିବା କଷ୍ଟକର ହୋଇପଡୁଛି। ତେଣୁ ବେଆଇନ ଚାଲାଣକାରୀଙ୍କ ଉପରେ ଚଢାଉ କରିବାକୁ ସମୟ ମିଳୁ ନାହିଁ।

### ବିଧାୟକଙ୍କ ପାଇଁ ନିର୍ମାଣ ହେବ ବହୁତଳ କୋଠା

ଭୁବନେଶ୍ୱର,୧୬।୧୦(ବ୍ୟୁରୋ) ବିଧାୟକ କଲୋନୀରେ ଥିବା କେତେକ କ୍ୱାର୍ଟର୍ସକୁ ଭାଙ୍ଗି ଦିଆଯିବ। ସେଠାରେ ବିଧାୟକମାନଙ୍କ ରହିବା ସକାଶେ ବହୁତଳ କୋଠାଘର ନିର୍ମାଣ କରାଯିବ। ବିଧାୟକଙ୍କ ପାଇଁ ସେଥିରେ ୧୫୦ଟି ଟାଇପ-୭ ଘର ନିର୍ମାଣ କରାଯିବ। ଏଥିପାଇଁ ୪୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିରେ ଜଗିଙ୍ଗ୍ ଟ୍ରାକ, ଗୋଷ୍ଠୀ କେନ୍ଦ୍ର, ଲିଫ୍ଟ ଆଦି ଆଧୁନିକ ସୁବିଧା ଉପଲବ୍ଧ ହେବ। ପରେ ଅନ୍ୟ କ୍ୱାର୍ଟର୍ସଗୁଡ଼ିକୁ ଭଙ୍ଗାଯାଇ କର୍ମଚାରୀମାନଙ୍କ ପାଇଁ ଆପାର୍ଟମେଣ୍ଟ ନିର୍ମାଣ କରାଯିବ । ବୁଧବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରସ୍ତାବିତ ବହୁତଳ କୋଠା ନିର୍ମାଣ ନେଇ ସମୀକ୍ଷା କରିଥିଲେ।

ସେହିପରି ବିଧାନସଭାରେ ଥିବା ଲାଇବ୍ରେରି କୋଠାର ମଧ୍ୟ ସମ୍ପ୍ରସାରଣ କରାଯିବ। ବିଧାନସଭାର ଆଭ୍ୟନ୍ତର ଅଂଶକୁ ପୁନଃ ନିର୍ମାଣ କରାଯିବ। ଏଥିରେ ଆଧୁନିକ ବୈଷୟିକ ଯନ୍ତ୍ରପାତି ଲଗାଯାଇ ଅତ୍ୟାଧୁନିକ ରୂପ ଦିଆଯିବ। ଏହାଛଡା ବିଧାନସୌଧର ସ୍ଥାୟୀ ଆଲୋକୀକରଣ ପାଇଁ ମଧ୍ୟ ଯଥାଶୀଘ୍ର ପଦକ୍ଷେପ ନିଆଯିବ। ଏହି ସବୁ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ପୂର୍ତ୍ତ ବିଭାଗକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ।

### ମୈଥାନ ଇସ୍ପାତ କାରଖାନାରେ ଶ୍ରମିକ ଅଶାନ୍ତି

## ବକେୟା ଦରମା ଦାବିରେ ରାସ୍ତା ଅବରୋଧ

**ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ**



ଶ୍ରମିକଙ୍କ ସହ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଧାରଣାରେ ବସିଛନ୍ତି।

**କଳିଙ୍ଗନଗର,୧୬।୧୦(ଡି.ଏନ୍.ଏ.)** କଳିଙ୍ଗନଗରସ୍ଥିତ ମୈଥାନ ମେସ୍କୋ କାରଖାନାର ଶ୍ରମିକମାନେ ବକେୟା ଦରମା ଦାବିରେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାରଖାନା ପକ୍ଷରୁ ଶ୍ରମିକଙ୍କୁ ୯ ମାସର ବକେୟା ପାଉଣା ଏବଂ ୧ ବର୍ଷର ବୋନସ୍ ଟଙ୍କା ପ୍ରଦାନ କରାଯାଇ ନ ଥିବା ଅଭିଯୋଗରେ ଶ୍ରମିକମାନେ ବିଜୁପଟ୍ଟନାୟକ ମାର୍ଗର ରାବାଣା ଚାରିଛକ ରାସ୍ତା ଅବରୋଧ କରିଥିଲେ। ଏଥିରେ କଳିଙ୍ଗନଗର ମଜଦୁର ୟୁନିୟନ ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇ ମଧ୍ୟ ସାମିଲ ହୋଇଥିଲେ। ୧୩ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ସେମାନଙ୍କର ପ୍ରାପ୍ୟ ନ ପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ କାରଖାନା କର୍ତ୍ତୃପକ୍ଷ ୨ମାସ ହେବ ବିନା ନୋଟିସରେ କାରଖାନାକୁ ବନ୍ଦ ରଖିବା ଫଳରେ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇନ୍ତି ବୋଲି ଘଡ଼ାଇ କହିଥିଲେ। ଧାରଣାସ୍ଥଳରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ରାଜ କିଶୋର ଦୋରା, ଦାନଗଦୀ ତହସିଲଦାର ବୁଲବୁଲ ବେହେରା, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ଯଖପୁରା ଥାନାଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପହଞ୍ଚି ଶ୍ରମିକ ସଂଗଠନ ସହ ଆଲୋଚନା କରିଥିଲେ। ଶ୍ରମିକଙ୍କ ଦାବି ସମ୍ପର୍କରେ ଜିଲାପାଳ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏ ଦିଗରେ କାରଖାନା କର୍ତ୍ତୃପକ୍ଷ ୭ ଦିନ ସମୟ ନେଇଥିବା ଏଡିଏମ୍ ଧାରଣାକାରୀଙ୍କୁ କହିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ଧାରଣାରେ ଘଡ଼ାଇଙ୍କ ସହ ୟୁନିୟନ ସାଧାରଣ ସମ୍ପାଦକ ଆଜାର ଅହମ୍ମଦ ଖାନ୍, ୧୦ ନଂ ଜୋନ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ସାମଲ, ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର, ଯୁବ ନେତା ପବିତ୍ର ଜେନାମଣି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ବିଜୟ କୁମାର ଦଳେଇ, ପ୍ରହ୍ଲାଦ ପାଳ, ପ୍ରମୋଦ ସାହୁ ପ୍ରମୁଖ ସାମିଲ ଥିଲେ।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଫିଜିଓଥେରାପି ଉଦ୍‌ଘାଟିତ





ଡିଇଆଇସିଠାରେ ଅନୁଷ୍ଠିତ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଫିଜିଓଥେରାପି କାର୍ଯ୍ୟକ୍ରମ ।

ଯାଜପୁର ଟାଉନ, ୧୬।୧୦(ଡି.ଏନ୍.ଏ.) ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ସମଗ୍ର ଶିକ୍ଷା, ଯାଜପୁରର ମିଳିତ ଉଦ୍ୟମରେ ଡିଇଆଇସିଠାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ଫିଜିଓଥେରାପି, ଆକ୍ୟୁପ୍ରେସର ଓ ସ୍ପିଚ୍ ଥେରାପି ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ଏହା ଏକ ମୂଲ୍ୟବାନ କାର୍ଯ୍ୟକ୍ରମ ବୋଲି ସୂଚନା ଦେଇଥିଲେ। ଏହି ଜିଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ କ୍ରମାନ୍ୱୟରେ ସେବା ଯୋଗାଇ ଦିଆଯିବା ପାଇଁ ସୁବିଧା କରାଯାଇଛି ବୋଲି ପ୍ରକାଶ କରିଥିଲେ। ଆର୍‌ବିଏସ୍‌କେ ପରିଚାଳକ ସମ୍ବିତ ଭୋଳ, ସମସ୍ତ ଡିଇଆଇସି କର୍ମଚାରୀ ଓ ବିଭିନ୍ନ ବ୍ଲକରୁ ଆସିଥିବା ଆୟୁଷ ଡାକ୍ତର ଓ ସମଗ୍ର ଶିକ୍ଷାର ବିଆର୍‌ପିମାନେ ଉପସ୍ଥିତ ରହି ଏହି ଶିବିରର ସମସ୍ତ କାର୍ଯ୍ୟକୁ ସୁପରିଚାଳନା କରିଥିଲେ। ଏହା ଅକ୍ଟୋବର ୧୫ତାରିଖଠାରୁ ଆରମ୍ଭ ହୋଇ ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।

## ନବୀନଙ୍କ ଜନ୍ମଦିନ ପାଳିଲେ ଯାଜପୁର ବିଜେଡି କର୍ମୀ

# ୨ଶହ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କଲେ



ଯାଜପୁର ଟାଉନ,୧୬।୧୦(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସକୁ ବୁଧବାର ନିରାଡମ୍ବର ଭାବେ ଯାଜପୁର ବିଜେଡି କର୍ମୀ ପାଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ହୋଇଥିବା ବାତ୍ୟା ଫନୀ ପାଇଁ ଜନ୍ମଦିନ ପାଳନ ନ କରିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ନିରାଡମ୍ବର ଭାବେ ତାଙ୍କ ଜନ୍ମଦିନ ପାଳିଛନ୍ତି ବିଜେଡି କର୍ମୀ। ପ୍ରତ୍ୟୁଷରୁ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଶତାଧିକ ବିଜେଡ଼ି କର୍ମୀ ମା' ବିରଜା ମନ୍ଦିରରେ ସମୁହ ଦୀପଦାନ କରି ନବୀନଙ୍କ ଦୀର୍ଘାୟୁ କାମନା କରିଥିଲେ। ଏହା ପରେ ଜାହାନପୁର ପଞ୍ଚାୟତର ବିରଜା କଲ୍ୟାଣମଣ୍ଡପ ଠାରେ ''ଆମ ଗାଁକୁ ଆମେ ଗଢ଼ିବୁ'' ସ୍ଲୋଗାନ୍‌ରେ ଅନୁଷ୍ଠିତ ଏକ କର୍ମୀ ବୈଠକରେ ଯୋଗଦେଇ ବିଧାୟକ ଦାସ ନବୀନଙ୍କ ସରଳ ଜୀବନଜାପନ, ସେବା ମନୋବୃତ୍ତି ଓ ରାଜ୍ୟର ବିକାଶ ପାଇଁ ଉତ୍ସର୍ଗିକୃତ ମନୋଭାବ ଆଜି ରାଜ୍ୟକୁ ଏକ ନମ୍ବରରେ ପହଞ୍ଚାଇଛି ବୋଲି ପ୍ରକାଶ କରିବା ସହିତ ଉପସ୍ଥିତ ହଜାର ହଜାର କର୍ମୀଙ୍କୁ ନିଜ ଗାଁକୁ ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ଶପଥ ପାଠ କରାଇଥିଲେ। ସେଠାରୁ ବିଧାୟକ ଦାସ କର୍ମୀମାନଙ୍କ ଗହଣରେ ବିରଜା ରିଂରୋଡରେ ବୃକ୍ଷରୋପଣ ଓ ବାଳାଶ୍ରମ ଅନ୍ତେବାସୀଙ୍କୁ ମାଗଣାରେ ପାଠ୍ୟ ଉପକରଣ ପ୍ରଦାନ କରିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଯାଜପୁର ପୌରାଞ୍ଚଳ ମହିଳା ବିଜେଡି ପକ୍ଷରୁ ସ୍ଥାନୀୟ ଗଣେଶ ମଣ୍ଡପଠାରେ ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ମହିଳା ଓ ଛାତ୍ରୀମାନଙ୍କ ଦ୍ୱାରା ୨ଶହ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବିଧାୟକ ଦାସ ଜାହାନପୁର ପଞ୍ଚାୟତରେ କର୍ମୀମାନଙ୍କ ଗହଣରେ ନବୀନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଏକ କେକ୍ କାଟି ସମସ୍ତଙ୍କୁ ଖୁଆଇ ଥିଲେ। ଏହି ଜନ୍ମଦିବସ ପାଳନ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ପୂର୍ବତନ ଉପନଗରପାଳ ବିଜୟ ମହାନ୍ତି, ସନ୍ତୋଷ ମଲ୍ଲିକ, ପାରିଷଦ ସବଶ୍ରୀ ଦୀପକ ଦାସ, କନକଲତା ଦାସ, ସନ୍ଧ୍ୟାରାଣୀ ଦାସ, ଅନନ୍ତ ପାତ୍ର, ତୁଷାରକାନ୍ତ ବେହେରା, ବର୍ଷାରାଣୀ ବେହେରା, ସୁଧାଂଶୁ କୁମାର ଦାସ, ପ୍ରଧାପକ ବଟକୃଷ୍ଣ ମହାପାତ୍ର, ଅଧାପିକା ବିଦ୍ୟୁରେଖା ମହାପାତ୍ର, ଦିଲ୍ଲିପ କୁମାର ଜେନା, ପ୍ରକାଶ ତ୍ରିପାଠୀ, ରସୁଲ ବକ୍ସ, ସରପଞ୍ଚ ନନ୍ଦ କିଶୋର ସାହୁ, ସମିତିସଭ୍ୟ ସରୋଜ ରାଉତ, ସୁଧାଂଶୁ ଆଚାର୍ଯ୍ୟ ଦେବଦତ୍ତ ଦାସ, ଦେବବ୍ରତ ଦାସ, ପଦ୍ମାସିନୀ ନାୟକ, ଇନ୍ଦୁଲତା ସାହୁ ପ୍ରମୁଖ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ।



## ସଂକ୍ଷେପରେ

### ହବିଷିଆଳି ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ ଅଧିକ ସ୍ୱାସ୍ଥ୍ୟକର୍ମୀ

**ପୁରୀ ଅଫିସ, ୧୬।୧୦**-ହବିଷିଆଳିଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ନିମନ୍ତେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ବୁଧବାର ଜିଲାପାଳ ବଲୱନ୍ତ ସିଂ ଏ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମନ୍ୱୟ, ତଦାରଖ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ୩ଟି କେନ୍ଦ୍ରରେ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ। ଅଗ୍ନିଶମ ବିଭାଗର ଅଧିକ କର୍ମଚାରୀ ମୁତୟନ କରାଯାଇ ୨୪ଘଣ୍ଟିଆ ସୁରକ୍ଷା ପ୍ରଦାନ କରାଯିବ। ପବିତ୍ର ପୁଷ୍କରିଣୀ ତୁଠରେ ଅଧିକ ସଂଖ୍ୟକ କର୍ମଚାରୀ ମୁତୟନ ହେବେ। ବର୍ତ୍ତମାନ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ୪୮୮, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୮୦୭ ଏବଂ ନରେନ୍ଦ୍ରକୋଣ କେନ୍ଦ୍ରରେ ୧୨୪୭ ଜଣ ହବିଷିଆଳି ରହୁଛନ୍ତି । ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୀପଦାନ ଓ ସ୍ନାନ ବେଳେ ସତର୍କତା ଅବଲମ୍ବନ କରିବା ନିମନ୍ତେ ହବିଷିଆଳିମାନଙ୍କୁ ପରାମର୍ଶ ଦେବା ଲାଗି ଅଧିକାରୀଙ୍କୁ ଜିଲାପାଳ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରତ୍ନଭଣ୍ଡାର ତାଲା ଭାଙ୍ଗିବା ଦାବିରେ ଧାରଣା

**ପୁରୀ ଅଫିସ,୧୬।୧୦**-ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ବହୁ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ରହିଛି। ହେଲେ ରତ୍ନଭଣ୍ଡାର ଚାବି ହଜିବା କଥା ଜଣାପଡ଼ିବା ପରେ ଏହାକୁ ନେଇ ବେଶ୍ ତୁମ୍ବିତୋଫାନ ହେଲା। ରାଜ୍ୟ ସରକାର ଚାବି ହଜିବା ଘଟଣାର ତଦନ୍ତ ପାଇଁ କମିଶନ ବସାଇଲେ। ତଦନ୍ତ କମିଶନ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇସାରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ। ଫଳରେ ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ସୁରକ୍ଷିତ ରହିଛି କି ନାହିଁ ସେ ନେଇ ଭକ୍ତଙ୍କ ମନରେ ସନ୍ଦେହ ଉପୁଜିଲାଣି। ତେଣୁ ତାଲା ଭଙ୍ଗାଯିବାକୁ ଦାବି କରିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ସମିତି। ଏ ନେଇ ବୁଧବାର ସମିତି ପକ୍ଷରୁ ସିଂହଦ୍ୱାର ନିକଟରେ ଧାରଣା ଦିଆଯାଇଛି। ଆବାହକ ଶିବାଶିଷ ମହାପାତ୍ର କହିଛନ୍ତି, ତଦନ୍ତ କମିଶନ ବସାଯାଇ ୨୨ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଏବେ ଶୁଣିବାକୁ ମିଳୁଛି, କମିଶନଙ୍କ ରିପୋର୍ଟ ରଖାଯାଇଥିବା ଆଲମାରିର ଚାବି ମିଳୁ ନାହିଁ। ତୁରନ୍ତ ରତ୍ନଭଣ୍ଡାର ତାଲା ଭାଙ୍ଗି ସମସ୍ତ ରତ୍ନଅଳଙ୍କାରର ତାଲିକା କରାଯାଉ। ନଚେତ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ

### ରାସ୍ତାକୁ ମାଡ଼ିଆସିଛି ଗଛ

**କଣାସ,୧୬।୧୦(ସ୍ୱ.ପ୍ର.)**-କଣାସ ବ୍ଲକର ବିଭିନ୍ନ ରାସ୍ତାକୁ ପାର୍ଶ୍ୱସ୍ଥ ଅନାବନା ଗଛ ଲଟା, ଡାଳ ମାଡ଼ିଆସିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କଣାସଠାରୁ ଜଙ୍କିଆ ଯାଇଥିବା ଦୟାନଦୀର ବାମ ପାର୍ଶ୍ୱ ମୁଖ୍ୟରାସ୍ତା ଉପରକୁ କଣ୍ଟାବୁଦା, ଲଟା ମାଡ଼ି ଆସିଥିବାବେଳେ ବୁଦାଗୁଡ଼ିକରୁ ହଠାତ ବିଲୁଆ, କୁକୁର, ଛେଳି, ବାଛୁରି ବାହାରି ପଡ଼ି ବାଇକ ଆଗକୁ ଚାଲିଆସୁଥିବାରୁ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଚୁପୁରିଙ୍ଗି ପାଖ ମକରା ନଦୀ ଡାହାଣ ପାର୍ଶ୍ୱ ବନ୍ଧ ଜଳସେଚନ ବିଭାଗ ରାସ୍ତାର ବଡାଲ ପର୍ଯ୍ୟନ୍ତ ଡାଳ, ଲଟା ମାଡ଼ି ଆସିଥିବାରୁ ଲୋକେ ଯାତାୟାତ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଅଙ୍ଗନୱାଡି ଶିଶୁଙ୍କୁ ନିମ୍ନମାନର ଖାଦ୍ୟ

**ନୂଆଗାଁ,୧୬।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ପୋକଖିଆ, ଫିମ୍ପିଲଗା ଚାଉଳର ଭାତ ଦିଆଯାଉଛି। ବୁଧବାର ଏହା ଜଣାପଡିବା ପରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମନ୍ୱିତ ଶିଶୁ ବିଭାଗ ତରଫରୁ ଖାଦ୍ୟ ଦିଆଯାଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଶିଖରଗୋଛା ଅଙ୍ଗନୱାଡି କେନ୍ଦ୍ରରେ ୩୩ ଜଣ ଶିଶୁ ପଢୁଥିବା ବେଳେ ସେମାନଙ୍କ ଦାୟିତ୍ୱରେ ଅଛନ୍ତି ଜଣେ ଅଙ୍ଗନୱାଡି କର୍ମୀ ଓ ଜଣେ ସହାୟିକା । ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଥିବା ନେଇ ବିଭାଗୀୟ ଅଧିକାରୀମାନେ କହୁଥିବା ବେଳେ ଶିଖରଗୋଛା ଅଙ୍ଗନୱାଡି କେନ୍ଦ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତିଦିନ ଶିଶୁମାନଙ୍କୁ ଠିକ୍ ଭାବରେ ପୁଷ୍ଟିକର ଖାଦ୍ୟ ଦିଆଯାଉ ନଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ସୁପରଭାଇଜର ଓ ଅଧିକାରୀ ତାହାକୁ ଘଣ୍ଟ ଘୋଡାଇବା ସହ ସବୁ ଠିକ୍ ଚାଲିଥିବା କହୁଥିଲେ । ବୁଧବାର ଜଣେ ଅଭିଭାବକ ତାହାର ସତ୍ୟତା ଜାଣିବା ପାଇଁ କେନ୍ଦ୍ରକୁ ଯିବାରେ ଯାହା ଦେଖିଲେ ସେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ରନ୍ଧା ଯାଇଥିବା ଭାତ ଦେଖିବା ପରେ କେଉଁଠୁ ଚାଉଳ ଆଣି ରୋଷେଇ କରିଛ ବୋଲି ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରେ ସେ ଚାଉଳ ଡ୍ରମକୁ ଦେଖାଇଥିଲେ । ସେଥିରେ ଥିଲା କେବଳ ପୋକଖିଆ, ପାଣିରେ ଭିଜି ରହିଥିବା ଫିମ୍ପି ଲଗା ଚାଉଳ । ଏପରି ଚାଉଳ ରୋଷେଇ କରି ଶିଶୁମାନଙ୍କୁ ଦେବା କାରଣ ବିଷୟରେ ସଂପୃକ୍ତ କର୍ମୀ ଗୌରୀ ବେହେରାଙ୍କୁ ପଚାରିବାରେ ଆମ ନିକଟରେ ଅନ୍ୟ କୌଣସି ଭଲ ଚାଉଳ ନଥିବାରୁ ଏହାକୁ ଧୋଇ ଆମେ ରୋଷେଇ କରିଛୁ ବୋଲି ସ୍ୱୀକାର କରିଥିଲେ । ଜୁଲାଇ ୨୪ ତାରିଖରେ ୨ କୁଇଣ୍ଟାଲ ଚାଉଳ ଦିଆଯାଇଥିଲା ଏବଂ ତାହା ଶେଷ ହୋଇଯିବା ପରେ ଆଉ ଚାଉଳ ଦିଆଯାଇ ନଥିବା ସେ କହିଥିଲେ । ଏହି ଘଟଣା ପ୍ରଘଟ ହୋଇଯିବା ପରେ ସ୍ଥାନୀୟ ସରପଞ୍ଚ ଅସିତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ଖବର ପାଇ ନୂଆଗାଁ ସୁପରଭାଇଜର ସଞ୍ଜୁ କହଁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ଅଧିକାରୀ ପରିଦର୍ଶନରେ ନ ଆସିବାରୁ ଏପରି ବିଶୃଙ୍ଖଳା ଦେଖାଦେଉଛି। କେବଳ ଶିଖରଗୋଛା ଅଙ୍ଗନୱାଡି କେନ୍ଦ୍ର ନୁହେଁ ନୂଆଗାଁ ବ୍ଲକର ଅନେକ କେନ୍ଦ୍ରରେ ଏପରି ନିମ୍ନମାନର ଖାଦ୍ୟ ଦିଆଯାଉଥିଲେ ମଧ୍ୟ କୌଣସି ଅଧିକାରୀ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ସୁପରଭାଇଜରମାନେ କେନ୍ଦ୍ର ପରିଦର୍ଶନରେ ନ ଯାଇ ମଧ୍ୟ ପଛୁଆ ତାରିଖରେ ପରିଦର୍ଶନ ଖାତାରେ ଦସ୍ତଖତ କରୁଥିବା ଅଭିଯୋଗ ହେଉଥିବା ବେଳେ ତାହାର ଏକ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି। ଏ ବିଷୟରେ ନୂଆଗାଁ ସିଡିପିଓ ଦାୟିତ୍ୱରେ ଥିବା ନୟାଗଡ ସିଡିପିଓ ଆରତୀ ତ୍ରିପାଠୀଙ୍କୁ ପଚାରିବାରେ ମୁଁ ଗୁରୁବାର ନୂଆଗାଁ ଯାଇ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।



ଶିଖରଗୋଛା ଅଙ୍ଗନୱାଡି କେନ୍ଦ୍ର।


ଡ୍ରମ୍‌ରେ ଥିବା ପୋକ ଲଗା ଓ ଫିମ୍ପି ଚାଉଳ।

- ତଦାରଖରେ ଯାଉନାହାନ୍ତି ଅଧିକାରୀ
- ଶିଶୁମାନଙ୍କୁ ଦିଆଗଲା ପୋକଖିଆ, ଫିମ୍ପି ଚାଉଳର ଭାତ
- ଅଭିଯୋଗ ପ୍ରତି ଅଧିକାରୀଙ୍କ ଖାତିର ନାହିଁ

## ଶ୍ରୀମନ୍ଦିରରେ ବୃଦ୍ଧାଙ୍କୁ ଧକ୍କା ମାରିଲା ପୋଲିସ

**ପୁରୀ ଅଫିସ,୧୬।୧୦**

ପବିତ୍ର କାର୍ତ୍ତିକ ମାସରେ ଏବେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ଜମୁଛି। ଭିଡ଼ ନିୟନ୍ତ୍ରଣ ଲାଗି ବାହାର ଓ ଭିତର ବେଢାରେ ପୋଲିସ ନିୟୋଜିତ ରହିଛନ୍ତି। ବୁଧବାର ଶ୍ରୀମନ୍ଦିରରେ ଜଣେ ବୃଦ୍ଧାଙ୍କୁ ପୋଲିସ ଧକ୍କା ମାରିଥିବା ଅଭିଯୋଗ ହୋଇଛି। ପୋଲିସ ତାଙ୍କ ବାହୁକୁ ଧରି ଧକ୍କା ଦେବାରୁ ସେ ତଳେ ପଡ଼ି ଆହତ ହୋଇଛନ୍ତି ବୋଲି ନୟାଗଡ଼ର ଆଶାଲତା ନନ୍ଦ (୭୫) ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଅଭିଯୋଗ ଆଣିଛନ୍ତି। ସେହିପରି ସୋମବାର ଗୁଜୁରାଟର ଭଦୋଦରାରୁ ୧୫ଜଣ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଯାଇଥିବାବେଳେ ଜଣଙ୍କ ହାତକୁ ପୋଲିସ କର୍ମଚାରୀ ମୋଡ଼ି ଦେଇଥିଲେ ବୋଲି ସେମାନେ ଗଣମାଧ୍ୟମକୁ କହିଥିଲେ। ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ଆଶାଲତା। ଏହି ସମୟରେ ପ୍ରବଳ ଭିଡ଼ ଥିଲା। ସେଠାରେ ଭିଡ଼ ନିୟମନ୍ତ୍ରଣ ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ ତାଙ୍କୁ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ ଆଣ୍ଠୁରେ ଆଘାତ ଲାଗିଛି। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ସେ ନାପସନ୍ଦ କରିଛନ୍ତି।

# ସାମୂହିକ ବନ ସୁରକ୍ଷା ସମିତି ବୈଠକ


ବୈଠକରେ ବନଖଣ୍ଡ ଅଧିକାରୀ ଓ ଅନ୍ୟମାନେ।

**ନୂଆଗାଁ ,୧୬।୧୦ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ମହିପୁର ବନାଞ୍ଚଳ ତରଫରୁ ନୂଆଗାଁ ବ୍ଲକ୍ ସମ୍ପଡାସ୍ଥିତ ମେଗା ନର୍ସରୀ ପରିସର ମଧ୍ୟରେ ବୁଧବାର ସାମୂହିକ ବନସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି । ଗାଁଗୁଡ଼ିକରେ ବନ ସୁରକ୍ଷା ସମିତି ଗଠନ କରାଯାଇଥିଲେ ମଧ୍ୟ ସେସବୁ ଧୀରେ ଧୀରେ ନିଷ୍କ୍ରିୟ ହୋଇଯାଇଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ସକ୍ରିୟ କରିବାର ପ୍ରଚେଷ୍ଟା ବନ ବିଭାଗ ତରଫରୁ କରାଯାଇଛି । ଏହି ଅବସରରେ ବନ ସୁରକ୍ଷା ସମିତିର ଚେୟାରପର୍ସନ ତଥା ମହିପୁର ବନାଞ୍ଚଳ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହିପୁର ବନାଞ୍ଚଳ ଅଧୀନରେ ଥିବା ୫୦ ଗୋଟି ବନ ସୁରକ୍ଷା ସମିତିର ସଭାପତି, ଜଣେ ପ୍ରତିନିଧି ଅଂଶ ଗ୍ରହଣ କରିଥିବା ବେଳେ ମହିପୁର ରେଞ୍ଜର ସମସ୍ତ କର୍ମଚାରୀ, ହାମସର ନୂଆଗାଁ ଶାଖା ସଭାପତି ବିଜୟ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଏହି ବୈଠକରେ ବନଖଣ୍ଡ ଅଧିକାରୀ ଏଚଡି ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କୁ ବନ ସୁରକ୍ଷାର କର୍ତ୍ତବ୍ୟ ଓ ଅଧିକାର ବିଷୟରେ ବୁଝାଇଥିଲେ। ସମିତିର ସୁବିଧା ଅସୁବିଧାକୁ ସିଧାସଳଖ ଲୋକଙ୍କୁ ପଚାରି ବୁଝିଥିଲେ । ଅନେକ କ୍ଷେତ୍ରରେ ବନ ବିଭାଗ ଲୋକମାନଙ୍କୁ ସହଯୋଗ କରୁ ନଥିବା ନେଇ ସମିତିର କିଛି ସଭ୍ୟ ରେଞ୍ଜରଙ୍କୁ ଅଭିଯୋଗ କରିଥିଲେ। ଏଣିକି ବନ କର୍ମଚାରୀଙ୍କ ତରଫରୁ ବନ ସୁରକ୍ଷା ସମିତି ପ୍ରତି କୌଣସି ଅବହେଳା ରହିବ ନାହିଁ ବୋଲି ରେଞ୍ଜର ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ ।

## ୨ ହବିଷିଆଳି ଅସୁସ୍ଥ, ଜଣେ ଆହତ

**ପୁରୀ ଅଫିସ,୧୬।୧୦**

କାର୍ତ୍ତିକ ବ୍ରତ ପାଳନ ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହବିଷିଆଳି ଆସି ପୁରୀରେ ଏକାଠି ହୋଇଛନ୍ତି। ବୁଧବାର ଦୁଇଜଣ ହବିଷିଆଳି ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମଗିରି ଭଣ୍ଡାରୀକୁଦାର ଆଶା ଦେଈ ଓ ଖୋର୍ଦ୍ଧା ବାଲୁଗାଁର ଶଶୀ ଦେବୀ। ଉଭୟେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀରେ ରହୁଛନ୍ତି। ଶଶୀଙ୍କର ରକ୍ତଚାପ ବଢ଼ିଯିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଆଶା ମୁଣ୍ଡ ବୁଲାଇ ତଳେ ପଡ଼ିଯାଇଥିଲେ। ଉଭୟଙ୍କୁ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନେ ଆମ୍ବୁଲାନ୍ସରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆଶା ଦେଈ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି। ସେହିପରି ନରେନ୍ଦ୍ରକୋଣସ୍ଥିତ ଆଶ୍ରୟସ୍ଥଳୀରେ ରହୁଥିବା ହବିଷିଆଳି ସୁନ୍ଦରୀ ମଲ୍ଲିକ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଇ ସାରି ଫେରୁଥିବାବେଳେ ପାହାଚରେ ଗୋଡ଼ ଖସିଯିବାରୁ ପଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି।

# ଆଦର୍ଶ ଗ୍ରାମବାସୀଙ୍କ ପକ୍ଷରୁ ଚାରାରୋପଣ



**ଖଣ୍ଡପଡା,୧୬।୧୦(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଖଣ୍ଡପଡା ବ୍ଲକର ବେଣାଗାଡିଆ ପଞ୍ଚାୟତ ଅଧୀନ ପଥରଦ୍ୱାର ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଗ୍ରାମର ପାରିପାର୍ଶ୍ୱିକ ଉନ୍ନତିକରଣ ସହ ଗ୍ରାମକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହିତକର ଯୋଜନାର ସଫଳ ରୂପାୟନ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଗ୍ରାମର ଚତୁଃପାର୍ଶ୍ୱକୁ ସବୁଜ ସୁନ୍ଦର କରିବା ପାଇଁ ଖଣ୍ଡପଡା ବନ ବିଭାଗ ସହାୟତାରେ ଗ୍ରାମବାସୀ ଲାଗି ପଡିଛନ୍ତି । ଗ୍ରାମ ନିକଟସ୍ଥ ବନ୍ଧ ସାନ୍ତରା ପୋଖରୀ ହୁଡାରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ କ୍ରମେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ କିସମର ୨ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି । ଆଗାମୀ ଦିନରେ ଗ୍ରାମ ନିକଟରେ ଥିବା ପତିତ ଜମି, ସରକାରୀ ଜାଗା ଓ ଚାରଣ ଭୂମିରେ୫ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି ।

## ଜଗନ୍ନାଥ ମନ୍ଦିର ଜମିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଭାପୁର,୧୬।୧୦(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ କଇଁଫୁଲିଆ ଗ୍ରାମରେ ଥିବା ପ୍ରଭୁ ଜଗନ୍ନାଥଙ୍କ ଜମିରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। କଇଁଫୁଲିଆ ଗ୍ରାମର ପ୍ଲଟ ନମ୍ବର ୧୧୯୦ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରହିଛି। ଏହି ଜମି ଉପରେ ଏବେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହେଉଛି। ଏଥିପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବ୍ଲକ ପ୍ରଶାସନ ଏହି ଜମିରେ ନିର୍ମାଣ କାର୍ଯ୍ୟାଦେଶ ଦେଇଛନ୍ତି । ଏହାକୁ ବିରୋଧ କରି ଉକ୍ତ ଗ୍ରାମପଞ୍ଚାୟତର ରମେଶ ପ୍ରସାଦ ରାଉତ ହାଇକୋର୍ଟରେ ଅଭିଯୋଗ କରିବା ପରେ ହାଇକୋର୍ଟ ବିଚାର କରି ଏହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଉପରେ ୨ ମାସ ଲାଗି ରହିତାଦେଶ ଦେଇଛନ୍ତି। ଭାପୁର ବିଡ଼ିଓ ଓ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟକୁ ପକ୍ଷ କରି ଏହା ଉପରେ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ନିର୍ମାଣ କାର୍ଯ୍ୟ ବିରୋଧରେ ନୟାଗଡ଼ ଜିଲାପାଳଙ୍କଠାରେ ମଧ ଅଭିଯୋଗ ହୋଇଥିଲା।

## ୧୨୧ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୧୬।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସରେ ବୁଧବାର ପୁରୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଚଢ଼ାଉ: ପଲିଥିନ ଜବତ, ଜରିମାନା ଆଦାୟ

**ରଣପୁର,୧୬।୧୦(ସ୍ୱ.ପ୍ର.)**

ରଣପୁର ଏନଏସି ପକ୍ଷରୁ ବୁଧବାର ରଣପୁର ବଜାର ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ କରାଯାଇଛି । ଏନଏସି ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ମସଲା, ପରିବା, ଲୁଗା, ଦୋକାନ ଉପରେ ଚଢ଼ାଉ କରାଯାଇ ୧୦ କେଜି ପଲିଥିନ ଜବତ ସହ ୪ ହଜାର ୩୫୦ ଟଙ୍କା ଜରିମାନା ଆଦାୟ ହୋଇଥିଲା । ଚଢ଼ାଉରେ ଏନଏସି କର୍ମଚାରୀ ସରୋଜ ମହାନ୍ତି, ବାଉରୀ ବନ୍ଧୁ ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ ସାଥିମାନେ ସାମିଲ ଥିଲେ । ପଲିଥିନ ଚଢ଼ାଉ ପରେ ବଜାରରେ ଭୟର ବାତାବରଣ ଦେଖା ଦେଇଛି । ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ପଲିଥିନ ନିଷେଧ ପରେ ରଣପୁରରେ ଏହା ପ୍ରଥମ ଚଢ଼ାଉ ବୋଲି ଜଣାପଡିଛି ।


ଏକ ଦୋକାନ ଉପରେ ଚଢ଼ାଉ କରାଯାଉଛି।

## ନିଶା, ପଲିଥିନ ବିରୋଧରେ ଅଣ୍ଟା ଭିଡ଼ିଲେ ମହିଳା

### ସଚେତନତା ପାଇଁ ଏକାଠି ହେଲେ ୨୩ ଏସ୍‌ଏଚ୍‌ଜି

**କଣାସ, ୧୬।୧୦(ସ୍ୱ.ପ୍ର.)**

କଣାସ ବ୍ଲକ ଗୋପିନାଥପୁର ଗ୍ରାମପଞ୍ଚାୟତ ଅଧୀନ ପାଇକମରା ଗ୍ରାମରେ ୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଶା ଓ ପଲିଥିନ ବିରୋଧରେ ଅଣ୍ଟାଭିଡ଼ିଛନ୍ତି। ଏଥିସହ ସ୍ୱଚ୍ଛ ଭାରତ ଅଭିଯାନ କ୍ରମେ ଗାଁ ସଫେଇ, ପାଇଖାନା ବ୍ୟବହାର, ଚାରା ରୋପଣ, ପରିବେଶ ସଫାସୁତୁରା ରଖିବା ଉପରେ ଗୁରୁତ୍ୱ ଦେଇ ଲୋକଙ୍କୁ ସଚେତନ କରାଉଛନ୍ତି।

ଏହି ଉପଲକ୍ଷେ ଗ୍ରାମରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ସରପଞ୍ଚ ଦୁଷ୍ମନ୍ତ କୁମାର ଜେନା, ଖବରଦାତା ବିଭୁତିଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପାଇଯୋଶୀ, ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ସାମାଜିକ କର୍ମୀ ରାଜକିଶୋର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପରିମଳ ପରିବେଶକୁ ସଫାସୁତୁରା ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କୌଣସି ବ୍ୟକ୍ତି ବାହାରେ ମଳତ୍ୟାଗ ନ କରି ଘରେ ପାଇଖାନା ବ୍ୟବହାର କରିବା, ପ୍ରତିବର୍ଷ ଚାରାରୋପଣ କରି ଯତ୍ନ ନେବା, ନିଶାଠୁ ଦୂରେଇ ରହିବା, ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହାକୁ କଣାସ ବ୍ଲକର ସମସ୍ତ ଗ୍ରାମବାସୀ କିପରି ଅନୁସରଣ କରିବେ ସେଥିପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଲୋକେ ଶପଥ ପାଠ କରିଥିଲେ। ପରେ ମହିଳା ଓ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ।

■ ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଜମି କିଣିବେ ସରକାର

# ନିର୍ଦ୍ଦିଷ୍ଟ ପ୍ଲଟରେ ଆପତ୍ତି ପାଇଁ ଲାଗିଲା ନୋଟିସ

**ପୁରୀ ଅଫିସ,୧୬।୧୦**

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ଚାଲିଛି ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ଭେ। ୫ ଟିମ୍ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଯାଇ ତଥ୍ୟ ସଂଗ୍ରହ କରିବା ସହ ସମ୍ପୃକ୍ତ ଘରର ଜମି ଓ କୋଠା ମାପଚୁପ କରୁଛନ୍ତି। ତେବେ ବିଜ୍ଞପ୍ତି ପ୍ରକାଶର ମାସକ ମଧ୍ୟରେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ତାଙ୍କ ସମ୍ପତ୍ତି ହସ୍ତାନ୍ତର କରିବେ ସେମାନଙ୍କୁ ପ୍ୟାକେଜ ସହିତ ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩୦ ଜଣ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପ୍ଲଟ ନେଇ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ୭ଦିନ ମଧ୍ୟରେ ଜଣାଇବା ଲାଗି ବୁଧବାର ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟ ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଲଗାଯାଇଛି।

ଶ୍ରୀମନ୍ଦିର ଚୌହଦ୍ଦିର ୭୫ ମିଟର ସୁରକ୍ଷା ଜୋନ ମଧ୍ୟରେ ଥିବା ୫ଟି ମୌଜା ବାସେଳିସାହି, ମର୍ଚ୍ଚିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିରେ ସର୍ଭେ କରାଯାଉଛି। ଏହି ମୌଜାଗୁଡ଼ିକରୁ ସରକାରୀ ଓ ଘରୋଇ ଜମିକୁ ମିଶାଇ ୧୫.୧୯୧ ଏକର ଜମି ଅଧିଗ୍ରହଣ କରାଯିବ। ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୨୩ ମଧ୍ୟରେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଜମି ହସ୍ତାନ୍ତର କରିବେ ସେମାନଙ୍କୁ ପ୍ୟାକେଜ ସହିତ ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦେବା ଲାଗି ନିଷ୍ପତ୍ତି ହୋଇଛି। ଏଥିପାଇଁ ୩୦ ଜଣ ଆବେଦନ କରିଥିଲେ। ବୁଧବାର ଏହି ଲୋକମାନଙ୍କ ମୌଜା, ଖାତା ନମ୍ବର, ପ୍ଲଟ ନମ୍ବର, ଏରିଆ ଏବଂ ପ୍ରଜାର ନାମ ଦର୍ଶାଯାଇ ଶ୍ରୀମନ୍ଦିରର ଚାରି ପାର୍ଶ୍ୱ ବିଭିନ୍ନ ସ୍ଥାନରେ ନୋଟିସ ଲଗାଯାଇଛି। ଏହି ନୋଟିସରେ ଦର୍ଶାଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟ ନିମନ୍ତେ ଜମି ମାଲିକ ତଥା ସତ୍ତ୍ୱାଧିକାରୀମାନଙ୍କ ମଞ୍ଜୁରୀ ଥାଇ ରାଜ୍ୟ ସରକାର ପ୍ରତ୍ୟକ୍ଷ କ୍ରୟ କରିବା ଲାଗି ଦରଖାସ୍ତ ପ୍ରାପ୍ତ ହୋଇଛନ୍ତି। ଏହି ଜମି ବାବଦରେ ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନଗୁଡ଼ିକର ଆପତ୍ତି ଅଭିଯୋଗ ଥାଏ ତେବେ ଆବଶ୍ୟକୀୟ ଦସ୍ତାବିଜ ସହିତ ଏହି ବିଜ୍ଞପ୍ତିର ୭ ଦିନ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟ ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଦାଖଲ କରିବେ । ଧାର୍ଯ୍ୟ ଦିନ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ତେବେ ବୁଧବାର ବାସେଳିସାହିର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ଦାସ, ନବକିଶୋର ପ୍ରଧାନ, ବଳରାମ ଦାଶ, ଦୀପକ କୁମାର ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ଗଙ୍ଗାଧର ପାଢୀଙ୍କ ଜମି ରାଜ୍ୟ ସରକାର କିଣିବାକୁ ନେଇ ନୋଟିସ ଲଗାଯାଇଥିବା ଦେଖିବାକୁ ମିଳିଛି।


ଲଗାଯାଇଥିବା ନୋଟିସ୍‌କୁ ଲୋକେ ଦେଖୁଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ: ଯୁବକ ଗୁରୁତର

ଭାପୁର,୧୬।୧୦(ଡି.ଏନ.ଏ.)-ପୂର୍ବ ଶତ୍ରୁତାକୁ ନେଇ ବୁଧବାର ସନ୍ଧ୍ୟାରେ ଭାପୁର ବ୍ଲକ ଫତେଗଡ଼ ଥାନା ପାର୍ବତୀପୁର ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ପାର୍ବତୀପୁର ଗ୍ରାମର ମାନଗୋବିନ୍ଦ ମହାପାତ୍ରଙ୍କ ପୁତ୍ର ଲବ ମହାପାତ୍ର (୨୧)। ପ୍ରକାଶ ଯେ,ସନ୍ଧ୍ୟା ସମୟରେ ଲବ ବାଇକ ଯୋଗେ ଭାପୁର ବଜାରରୁ ନିଜ ଗ୍ରାମକୁ ଫେରୁଥିଲା ବେଳେ ପୂର୍ବ ଯୋଜନା ଅନୁଯାୟୀ ଗ୍ରାମ ନିକଟରେ ଥିବା ବୁଲାଣିରେ ଛକି ବସିଥିବା ୫ଜଣ ଯୁବକ ଖଣ୍ଡା ଏବଂ ଅନ୍ୟ ମାରଣାସ୍ତ୍ର ଯୋଗେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଫତେଗଡ଼ ଥାନା ପୋଲିସ ଘଟଣାର ଅନୁସନ୍ଧାନ କରିବା ସହିତ ଏକ ମାମଲା ରୁଜୁ କରିଥିବା ଜଣାପଡିଛି।

**ଖଲିପାଟଣା କଙ୍ଗାରୁକୋର୍ଟ ମାମଲା**

### ନୟାଗଡ଼ ଜିଲାପାଳ, ଏସ୍‌ପିଙ୍କୁ ଜବାବ ତଲବ

କଟକ ଅଫିସ,୧୬।୧୦- ନୟାଗଡ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ଖଲିପାଟଣା ଗାଁ କଙ୍ଗାରୁକୋର୍ଟ ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନୟାଗଡ ଜିଲାପାଳ ଏବଂ ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି। ଆସନ୍ତା ୪ସପ୍ତାହ ମଧ୍ୟରେ ଉପରୋକ୍ତ ମାମଲାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଜଣାଇବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ରୁଜୁ ଏହି ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଜିଲାପାଳ ଓ ଏସ୍‌ପିଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୦୭ରେ ଗାଁରେ କଙ୍ଗାରୁକୋର୍ଟ ବସାଇ ଗୋପବନ୍ଧୁ ଜେନା, ରବି ପ୍ରଧାନ, ଯୁଧିଷ୍ଠିର କରଣ, ନନ୍ଦ କିଶୋର ଜେନା, ବ୍ରଜ କିଶୋର ଜେନା ସମେତ ୧୫ରୁ ଅଧିକ ପରିବାରକୁ ବାସନ୍ଦ କରାଯାଇଥିଲା । ଫଳରେ ଏହି ପରିବାର ନାନା ସମସ୍ୟା ଦେଇ ଗତି କରୁଛନ୍ତି। ଦୀର୍ଘବର୍ଷ ହେବ ଗାଁରୁ ବାହାରି ରହୁଥିବାରୁ ସେମାନଙ୍କର ଚାଷଜମି ପଡିଆ ପଡିଥିବାବେଳେ, ପିଲାମାନଙ୍କର ପାଠପଢା ମଧ ଠିକ୍ ଭାବେ ହୋଇପାରୁନାହିଁ। ଏ ନେଇ ପ୍ରତିବାଦ କରିବାରୁ ସେମାନଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଏସ୍‌ପି, ଜିଲାପାଳ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ମିଶ୍ର ଏନ୍‌ଏଚ୍‌ଆର୍‌ସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

■ କିପରି କାର୍ଯ୍ୟକ୍ଷମ ହେବ ମୋ ସରକାର କାର୍ଯ୍ୟକ୍ରମ

# ଜିଲାରେ ଖାଲି ପଡ଼ିଛି ୧୦୬ ଡାକ୍ତର ପଦବୀ

ନୟାଗଡ଼ ଅଫିସ,୧୬।୧୦

ରାଜ୍ୟର ବିଭିନ୍ନ ମେଡିକାଲ୍‌ରେ ମୋ ସରକାର କାର୍ଯ୍ୟକ୍ରମ କିପରି ଭାବେ ତୃଣମୂଳସ୍ତରରେ କାର୍ଯ୍ୟକ୍ଷମ ହେଉଛି ତାହାର ସ୍ଥିତି ପରଖୁଛନ୍ତି ୫-ଟି ସଚିବ ଓ ଅନ୍ୟ ଅଧିକାରୀମାନେ। କିଛିଦିନ ତଳେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଏମାନେ ପରିଦର୍ଶନ କରି ଯାଇଛନ୍ତି। ଅସଜଡ଼ା ଭିତ୍ତିଭୂମି ଓ ଡାକ୍ତର ନ ଥିବା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ପ୍ରକାଶ ଯେ, ଜିଲାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ରଣପୁର ମେଡିକାଲ୍, ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ୩୭ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଅଛି। ୫୧ ମେଡିକାଲ୍‌ରେ ୧୯୬ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୯୦ ଜଣ ଡାକ୍ତର । ୧୦୬ ଡାକ୍ତର ପଦବୀ ଖାଲି ପଡ଼ିଛି। ନିଯୁକ୍ତ ହୋଇଥିବା ୯୦ ଡାକ୍ତରଙ୍କ ମଧ୍ୟରୁ ୨୩ ଜଣ ଡାକ୍ତର ପିଜି କରିବାକୁ ଯାଇଥିବା ସୂଚନା ମିଳିଛି। ସେହିଭଳି ୧୮ ଜଣ ଅବସରପ୍ରାପ୍ତ ଡାକ୍ତରଙ୍କୁ ଠିକା ଭାବେ ନିଯୁକ୍ତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓଙ୍କ ସମେତ ୮ଜଣ ଅଧିକାରୀ ରହିବା ପରିବର୍ତ୍ତେ ଅଛନ୍ତି ମାତ୍ର ୪ଜଣ ଅଧିକାରୀ।



ଜିଲା ମୁଖ୍ୟ ଚିକିତ୍ସାଳୟ।

ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୩ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୨୪ । ମେଡିସିନ ପାଇଁ ୨ ଜଣ ଆବଶ୍ୟକ ଥିବା ବେଳେ ଅଛନ୍ତି ଜଣେ। ସେହିଭଳି ସର୍ଜରୀ ବିଭାଗର ମଧ ସମାନ ଅବସ୍ଥା। ଆନାଥେସିଆ, ରେଡିଓଲୋଜି, ପାଥୋଲୋଜି, ଚର୍ମ ବିଶେଷଜ୍ଞ ଭଳି ୨୯ ଡାକ୍ତରୀ ପଦବୀ ଖାଲି ପଡ଼ିଛି। ଫଳରେ ପ୍ରତିଦିନ ପ୍ରାୟ ୧୫ଶହ ରୋଗୀ ଆସୁଥିବାବେଳେ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ରଣପୁର ବ୍ଲକ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ଜେନେରାଲ ମେଡିକାଲ୍‌ରେ ୧୫ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୯ ଜଣ, ରେଡିଓଲୋଜି, ଆସିଷ୍ଟାଣ୍ଟ ସର୍ଜନ ପଦବୀ ଖାଲି ପଡ଼ିଛି। ବଡ଼ପଣ୍ଡୁସର ସିଏଚ୍‌ସି ଅଧୀନରେ ୫ଟି ପିଏଚ୍‌ସି ଅଛି, ଏଠାରେ ୧୨ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୬ ଜଣ। ଭାପୁର ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର) ଅଧୀନରେ ୪ଟି ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର) ଅଛି, ଏଠାରେ ୧୧ ଜଣ ଡାକ୍ତରଙ୍କ ବଦଳରେ ଅଛନ୍ତି ମାତ୍ର ୫, ଗଣିଆ ସିଏଚ୍‌ସି ଅଧୀନରେ ୩ଟି ପିଏଚ୍‌ସି ଅଛି, ଏଠାରେ ୧୦ ଜଣ ଡାକ୍ତରଙ୍କ ପରିବର୍ତ୍ତେ ୨ଜଣ ଅଛନ୍ତି। ମଧଖଣ୍ଡ ସିଏଚ୍‌ସି ଅଧୀନରେ ଦଶପଲ୍ଲା ସିଏଚ୍‌ସି ଓ ୫ଟି ପିଏଚ୍‌ସି ଅଛି,ଏଠାରେ ୧୯ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୮। ମହୀପୁର ସିଏଚ୍‌ସି ଅଧୀନରେ ୪ଟି ପିଏଚ୍‌ସି ଅଛି ,ଏଠାରେ ୧୧ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୨ ଜଣ। ନୂଆଗାଡ଼ିଆ ସାହି

**ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି ୨୯ ଡାକ୍ତର**

ସିଏଚ୍‌ସି ଅଧୀନରେ ଖଣ୍ଡପଡ଼ା ସିଏଚ୍‌ସି ଓ ୫-ଟି ପିଏଚ୍‌ସି ଅଛି, ଏଠାରେ ୧୩ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ୫ ଜଣ। ରାଜସୁନାଖଳା ସିଏଚ୍‌ସି ଅଧୀନରେ ଗୋଟିଏ ରଣପୁର ସିଏଚ୍‌ସି ଓ ୫ଟି ପିଏଚ୍‌ସି ଅଛି, ଏଠାରେ ୧୯ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ୧୦। ସେମାନଙ୍କ ମଧ୍ୟରୁ ୬ ଜଣ ଠିକା ଭାବେ ରହିଥିବା ଜଣାଯାଏ। ଶରଣକୂଳ ସିଏଚ୍‌ସି ଅଧୀନରେ ଓଡ଼ଗାଁ ସିଏଚ୍‌ସି ଓ ୭ଟି ପିଏଚ୍‌ସି ଅଛି, ଏଠାରେ ୧୬ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ୫ ଜଣ ଡାକ୍ତର ଅଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣ ସ୍ଥାୟୀ ଓ ୨ ଜଣ ଠିକା ଡାକ୍ତର ଅଛନ୍ତି। ଏପରିସ୍ଥିତିରେ ବଡ଼ପଣ୍ଡୁସର, ଚାନ୍ଦପୁର, ଭାପୁର, ମଧଖଣ୍ଡ, ଦଶପଲ୍ଲା, ମହୀପୁର, ନୂଆଗାଡ଼ିଆ, ରାଜସୁନାଖଳା, ରଣପୁର, ଶରଣକୁଳ ଓ ଓଡ଼ଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେହି ଜଣେ ହେଲେ ସ୍ଥାୟୀ ମେଡିକାଲ୍ ଅଧିକାରୀ ନାହାନ୍ତି। ଅସ୍ଥାୟୀ ଭାବେ କିଛି ଡାକ୍ତର ଏହି ଦାୟିତ୍ୱ ତୁଲାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଜିଲାରେ ଥିବା ଡାକ୍ତରଖାନାକୁ ତୁରନ୍ତ ଡାକ୍ତର ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ନିର୍ମାଣ ହେବ ୧୦୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ


ଜିଲାପାଳ ଟୁଡୁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ନୟାଗଡ଼ ଅଫିସ,୧୬।୧୦

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣ ହେବ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଏହି ଘୋଷଣା କରିଛନ୍ତି। ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଡା. ପୋମା ଟୁଡୁ ସୂଚନା ଦେଇଛନ୍ତି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ସମ୍ପର୍କୀୟଙ୍କ ପାଇଁ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ଏହା ସହିତ ଜିଲା ରୋଗୀ କଲ୍ୟାଣ ସମିତି ପାଣ୍ଠିକୁ ୧୦ ଲକ୍ଷ ଟଙ୍କା, ଜିଲାକୁ ଦୁଇଟି ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡ଼ି ମଞ୍ଜୁର କରାଯାଇଥିବା ଜିଲାପାଳ ଟୁଡୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୧ ତାରିଖରେ

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ବିଭାଗ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ୍, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଶାଲିନ ପଣ୍ଡିତ ପ୍ରମୁଖ ୩ ବରିଷ୍ଠ ଅଧିକାରୀ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲାପାଳ ଟୁଡୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସମେତ ଡାକ୍ତରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ସମ୍ପର୍କୀୟମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନ ଥିବା, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସର୍ଜରି ଓ ମେଡ଼ିସିନ ୱାର୍ଡରେ ଶଯ୍ୟା କମ୍ ଥିବାରୁ ରୋଗୀମାନେ ହଇରାଣ ହେଉଥିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

## ପ୍ଲାଟିନମ୍ ଜୁବିଲି ପାଳିବ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ


ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା ପ୍ଲାଟିନମ ଜୁବିଲି ଉତ୍ସବ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଡାକ ସେବା ଅଧିକାରୀ କାଶିନାଥ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିଶୁ ସାହିତ୍ୟିକ ଦାଶ ବେନହୁର, ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଖବରଦାତା ବିନାୟକ ମିଶ୍ର ପ୍ରମୁଖଙ୍କ ସମେତ ଉକ୍ତ ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ କିଶୋର ମୋହନ ପ୍ରଧାନ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଳନ ପାଇଁ ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ମତ ରଖିଥିଲେ । ଡିସେମ୍ବର ୧୯ ସୁଦ୍ଧା ପ୍ରସ୍ତାବିତ ଏହି ଉତ୍ସବ ପାଳନ ପାଇଁ ସବୁ ପୁରାତନ ଛାତ୍ରମାନଙ୍କ ସହଯୋଗ କାମନା କରାଯାଇଥିବାବେଳେ ୨ୟ ବୈଠକ ସୁଦ୍ଧା ଉତ୍ସବର ସମସ୍ତ କମିଟି ଗଠନ କରାଯିବା ଲାଗି ସ୍ଥିର ହୋଇଥିବା ଜଣାପଡିଛି।

## ଖଣ୍ଡପଡ଼ାରେ ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରା

ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର)

ଖଣ୍ଡପଡା ସହରାଞ୍ଚଳର ରଥଗଡା ଛକଠାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଜାକଜମକର ସହ ପାଳନ କରାଯାଇଛି । ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ମାଟ୍ରିକ ବ୍ୟାଚ୨୦୦୦,୨୦୦୬ ଓ ୨୦୧୨ର ୩ଟି ମେଢକୁ ଆଲୋକ ପଟୁଆର, ସ୍ୱତନ୍ତ୍ର ସାଜସଜ୍ଜା ମଧ୍ୟରେ ସହର ପରିକ୍ରମା କରାଯାଇଥିଲା । ଏହି ଭସାଣି ଉତ୍ସବ ଖୁବ୍ ଆକର୍ଷଣୀୟ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଖଣ୍ଡପଡା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦର୍ଶକମାନେ ଭସାଣି ଶୋଭାଯାତ୍ରାର ଭରପୂର ମଜା ଉଠାଇଥିଲେ ।

## କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ ଅର୍ଥନୀତି ନିମ୍ନଗାମୀ ହୋଇଛି: ସିପିଆଇ(ଏମ୍)

ଦଶପଲ୍ଲା,୧୬।୧୦ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ ସମ୍ପ୍ରତି ଦେଶର ଅର୍ଥନୀତି ନିମ୍ନଗାମୀ ହୋଇଛି। ଫଳରେ ସଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ଦଶପଲ୍ଲାସ୍ଥିତ ଶିକ୍ଷକ ଭବନ ପରିସରରେ ସିପିଆଇ(ଏମ୍) ପକ୍ଷରୁ ଏକ ଆଲୋଚନା ସଭା ସହ ଖବରଦାତା ସମ୍ମିଳନୀ କରାଯାଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା । ପୂର୍ବାହ୍ନରେ ସିପିଆଇ(ଏମ୍)ର ଦଶପଲ୍ଲା ଲୋକାଲ୍ କମିଟି ସମ୍ପାଦକ ଗଣେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ଜିଲା କମିଟି ସମ୍ପାଦକ ଶରତ ବେହେରା ଯୋଗଦେଇ ବର୍ତ୍ତମାନ ଦେଶରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି କହିଥିଲେ ମୋଦି ସରକାରଙ୍କ ଭୁଲ୍ ନୀତି ଯୋଗୁ ଦେଶର ଅର୍ଥନୀତି ରସାତଳଗାମୀ ହୋଇଛି। ରେଳ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ, ତୈଳ, ଶକ୍ତି ପ୍ରଭୃତି କ୍ଷେତ୍ରରେ ବ୍ୟାପକ ପୁଞ୍ଜି ପ୍ରତ୍ୟାହାର ଫଳରେ ନିଯୁକ୍ତି ହ୍ରାସ ଓ ଛଟେଇ ବଢୁଛି। ବ୍ୟାଙ୍କଗୁଡିକର ମିଶ୍ରଣ ଫଳରେ ନିଯୁକ୍ତି ହ୍ରାସ ସହ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେଉଥିବା କହିଥିଲେ। ଦେଶର ଆର୍ଥିକ ଅବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ନୀରବ ଥିବା ସେ ଅଭିଯୋଗ କରିଥିଲେ। ମୋଦି ସରକାର ବିଭିନ୍ନ ସରକାରୀ ସମ୍ପତ୍ତିକୁ ଘରୋଇ କମ୍ପାନୀ ହାତକୁ ଟେକି ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ଘରୋଇକରଣ ଫଳରେ ସଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସରକାରଙ୍କ ଏଭଳି ନୀତିକୁ ସିପିଆଇ(ଏମ୍) ବିରୋଧ କରୁଛି ବୋଲି ସେ କହିଛନ୍ତି। ଦେଶ ରକ୍ଷା ପାଇଁ ଅଣ୍ଟା ଭିଡନ୍ତୁ ଗତ ୧୦ଠାରୁ ଆରମ୍ଭ ହୋଇଥିବା ଏକ ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସେ କହିଛନ୍ତି।


ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି ଓ ଅନ୍ୟମାନେ।

■ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

## ଅଧକ୍ଷା ଓ ଉପାଧକ୍ଷ ଦେଲେ ରକ୍ତ

ନୟାଗଡ଼ ଅଫିସ,୧୬।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ଅବସରରେ ବୁଧବାର ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କ ପରିସରରେ ଜୀବନବିନ୍ଦୁ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ଅଧକ୍ଷା ଗୋଲାପ ଦଳବହେରା ଓ ଉପାଧକ୍ଷ ସୁବାସ ଚନ୍ଦ୍ର କଅଁର ରକ୍ତଦାନ କରିଥିଲେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଇଥିବା ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ୨୦୫ ଜଣ ରକ୍ତଦାନ କରିଥିଲେ। ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ଗଙ୍ଗାଧର ପଣ୍ଡା, ଶ୍ରବଣ କୁମାର ରାମ, ରମେଶ କୁମାର ସାହୁଙ୍କ ସମେତ ଏକାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।



ବ୍ଲକ ଅଧକ୍ଷା ଗୋଲାପ ଦଳବେହେରା ରକ୍ତଦାନ କରୁଛନ୍ତି।

■ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ ଘଟଣା

# ତହସିଲ କାର୍ଯ୍ୟାଳୟ ପରିସରରେ ୨ଗୋଷ୍ଠୀ ଧାରଣା

ରଣପୁର,୧୬।୧୦(ସ୍ୱ.ପ୍ର.)

ଜାଲ୍ ଦଲିଲ୍‌ରେ ପଟ୍ଟା ପ୍ରଦାନ ଘଟଣାରେ ରଣପୁର ଥାନା ପୋଲିସ ତତ୍କାଳୀନ ରଣପୁର ଆରଆଇ ତଥା ଲୋଧାଚୁଆରେ କାର୍ଯ୍ୟରତ ଆରଆଇ ବିରୁପାକ୍ଷ ବିଶ୍ୱାଳଙ୍କୁ ଗିରଫ କରିବା ପ୍ରତିବାଦରେ ରଣପୁର ତହସିଲ ସମ୍ମୁଖରେ କର୍ମଚାରୀମାନେ ବୁଧବାର ଧାରଣା ଦେଇଥିଲେ। ତେବେ ବିନା ନୋଟିସରେ ତହସିଲ କର୍ମଚାରୀମାନେ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବା ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ସେମାନଙ୍କ ଆନ୍ଦୋଳନ ଯୋଗୁ ବିଭିନ୍ନ କାମଧନ୍ଦାରେ ତହସିଲକୁ ଆସିଥିବା ଲୋକ ହଇରାଣ ହେବା ଲକ୍ଷ୍ୟ କରି ସାମାଜିକ କର୍ମୀ ଦିଲୀପ ସାମନ୍ତରାଙ୍କ ନେତୃତ୍ୱରେ ସାଧାରଣ ଲୋକେ ଧାରଣା ଦେଇଥିଲେ । ଆରଆଇଙ୍କ ଗିରଫକୁ ଯୁକ୍ତିଯୁକ୍ତ କହି ତୁରନ୍ତ ଅତିରିକ୍ତ ତହସିଲଦାରଙ୍କୁ ଗିରଫ ଦାବିରେ ଲୋକେ ଆନ୍ଦୋଳନ ଚାଲୁ ରଖିଥିଲେ । ତହସିଲ କାର୍ଯ୍ୟାଳୟ ପରିସରରେ ଦୁଇଟି ଧାରଣା ଚାଲୁ ରହିଥିଲେ ମଧ ତହସିଲଦାର ବା ଉଚ୍ଚ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନଥିଲେ। ଦୁଇଟି ଧାରଣା ଚାଲୁ ରହିବା ପରେ ଉତ୍ତେଜନା ଦେଖା ଦେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଡାକରା ଦେଇଥିବା ତହସିଲ କର୍ମଚାରୀ ଆନ୍ଦୋଳନକୁ ପ୍ରତ୍ୟାହୃତ କରି ନେଇଥିଲେ। ଏହା ପରେ ସାଧାରଣ ଲୋକ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିଲେ ।

ଅଭିଯୋଗ ଅନୁସାରେ, ରଣପୁର ତହସିଲ ବାଙ୍କପୁର ଗାଁର ସ୍ୱର୍ଗତ ଦାଶରଥି ଜେନା ଓ କୁମୁଦିନୀ ଜେନାଙ୍କର ୨ ପୁଅ ଓ ୩ ଝିଅ । ଦାଶରଥି ଓ କୁମୁଦିନୀଙ୍କ ନାଁରେ ଥିବା ସମ୍ପତ୍ତିକୁ ବଡ଼ପୁଅ ବିପିନ ଜାଲିଆତି କରି ନିଜ ନାଁରେ କରାଇ ନେଇଥିଲେ । ଏହାର ପ୍ରତିବାଦ କରିବାରୁ ସାନ ଭାଇ ବିଜିନଙ୍କୁ ବଡ଼ ଭାଇ ବିପିନ ଘରୁ ତଡି ଦେଇଥିଲେ। ଏ ସମ୍ପର୍କରେ ବିଜିନ ଅଭିଯୋଗ କରିବା ପରେ ଜମି ଜାଲିଆତିରେ ତଦନ୍ତ କରାଯାଇ ଜାଲିଆତି ଜମି ପଟ୍ଟା ଖାରଜ ହୋଇଥିଲା। ଏପରିକି ଘରର ମୁଖିଆ ବାପାଙ୍କ ନାଁକୁ ସମ୍ପତ୍ତି ଚାଲି ଆସିଥିଲା । ତହସିଲରେ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ କରିଥିବା ପ୍ରମାଣ ମିଳିବା ପରେ ତହସିଲ ପକ୍ଷରୁ ଜମି ପଟ୍ଟା ଖାରଜ କରାଯାଇ ନୂଆ ପଟ୍ଟା ପ୍ରଦାନ କରାଗଲା। ହେଲେ ଜାଲ୍ ଦଲିଲରେ ସଂପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିଲା । ଅଭିଯୋଗକାରୀ ନ୍ୟାୟ ପାଇଁ ରଣପୁର ଥାନା ଓ ନୟାଗଡ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ପୋଲିସ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ ନ କରି ଚୁପ ରହିଥିଲା। ଅଭିଯୋଗକାରୀ ନିରାଶ ନ ହୋଇ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡିଜିପି, ଏସ୍‌ପି ଓ ସ୍ଥାନୀୟ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଛାଟ ବାଜିବା ପରେ ଜାଲ୍ ଦଲିଲରେ ପଟ୍ଟା କରିଥିବା ମୁଖ୍ୟ ଅଭିଯୁକ୍ତ ବାଙ୍କପୁରର ବିପିନ କୁମାର ରାୟ, ରଣପୁର ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ରାୟଙ୍କ ସମେତ ରଣପୁର ତହସିଲର ଅନ୍ୟ କର୍ମଚାରୀଙ୍କ ନାଁରେ ପୋଲିସ ୧୮୭/୧୯ରେ ମାମଲା ରୁଜୁ କରିଥିଲା। ପରେ ରଣପୁର ପୋଲିସ ଅତିରିକ୍ତ ତହସିଲଦାର ମାନସଙ୍କୁ ଅଟକ ରଖିଥିଲା। ଅଟକର ୪ ଘଣ୍ଟା ପରେ ବିଳମ୍ବିତ ରାତିରେ ଛାଡିଦେଇଥିଲା। ଅନ୍ୟପକ୍ଷେ ରଣପୁର ଥାନା ପୋଲିସ ଲୋଧାଚୁଆ ଆରଆଇ ବିରୁପାକ୍ଷ ବିଶ୍ୱାଳ ଓ ବିପିନ କୁମାର ରାୟଙ୍କୁ ଗତ ୧୧ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ଧାରଣାରତ ତହସିଲ କର୍ମଚାରୀ।


ସାମାଜିକ କର୍ମୀଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣା।

■ ଆରଆଇଙ୍କ ଗିରଫ ପ୍ରତିବାଦରେ ତହସିଲ କର୍ମଚାରୀଙ୍କ ଆନ୍ଦୋଳନ

■ ଅତିରିକ୍ତ ତହସିଲଦାରଙ୍କୁ ଗିରଫ ଦାବିରେ ସାଧାରଣ ଲୋକଙ୍କ ଧାରଣା